ବର୍ଷ-୨୪, ସଂଖ୍ୟା-୧୯୬
ଭୁବନେଶ୍ୱର
୧୫ ଅଗଷ୍ଟ, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 196
Bhubaneswar
15 August, 2024, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ୭୮ ତମ ସ୍ୱାଧୀନତା ଦିବସର ଶୁଭେଚ୍ଛା

### ଛୁଟି ଘୋଷଣା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଉପଲକ୍ଷେ ଦୈନିକ 'ମହାଭାରତ' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଛି। ତେଣୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ।
- ପରିଚାଳକ

## ଡେଙ୍ଗୁ ପ୍ରଭାବିତ ଜିଲ୍ଲାରେ ଔଷଧ, ମଶାରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୪।୮(ମହାଭରତ):** ରାଜ୍ୟରେ ମେଲେରିଆ, ଡେଙ୍ଗୁ, ଡ଼ାଇରିଆ । ରୋଗର ସ୍ଥିତି ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମୀକ୍ଷା କରିଛନ୍ତି। ୧୫ଟି ଜିଲ୍ଲାର ୧୦ଟି ମେଡିକାଲ କଲେଜର ଅଧକ୍ଷଙ୍କ ସହ ଆ।ଲୋଚନା କରିଛନ୍ତି। ଯେଉଁ ଜିଲ୍ଲାଗୁଡିକରେ ମେଲେରିଆ।, ଡେଙ୍ଗୁ ଅଧିକ ବ୍ୟାପୁଛି ସେହି ଜିଲ୍ଲାଗୁଡିକରେ ପର୍ଯ୍ୟପ୍ତ ପରିମାଣରେ ମେଡ଼ିସିନ ଏବଂ ମଶାରୀ ରଖିବାକୁ ନିର୍ଦେଶ ଦିଅ।ଯାଇଛି। ଭିଡିଓ କନଫରେନସି ମାଧ୍ୟମରେ ଏହି ଆ।ଲୋଚନାରେ ସବୁ ଜିଲ୍ଲା ଗୁଡିକରେ ବର୍ତ୍ତମାନ ସ୍ଥିତି ନେଇ ଆ।ଲୋଚନା ହୋଇଛି।







## ସାମାଜିକ ନ୍ୟାୟ ଭାରତର ସର୍ବୋଚ୍ଚ ପ୍ରାଥମିକତା: ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୪।୮(ଏଜେନ୍ସି):** ୭୮ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଷ୍ଟ୍ର ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଦେଶର ଅଭିବୃଦ୍ଧି, ସମାଜକଲ୍ୟାଣ, ମହିଳା-ପୁରୁଷଙ୍କ ମଧ୍ୟରେ ନ୍ୟାୟଗତ ସମାନତା ଏବଂ ଜଳବାୟୁ ନ୍ୟାୟ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ, ଭାରତ ୨୦୨୧ରୁ ୨୦୨୪ ମଧ୍ୟରେ ୮% ଅଭିବୃଦ୍ଧି ହାସଲ କରି ସବୁଠାରୁ



ଦ୍ରୁତ ଅଭିବୃଦ୍ଧି ସମ୍ପନ୍ନ ବୃହତ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଛି। ସେ କହିଛନ୍ତି, ଏହା ଲୋକଙ୍କୁ ଆର୍ଥିକ ଭାବେ ସଶକ୍ତ କରିଛି ଏବଂ ଲୋକମାନେ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି।

ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି କହିଛନ୍ତି, 'ମୁଁ ଏହା ଦେଖି ବହୁତ ଖୁସି ଯେ ସମସ୍ତ ଦେଶବାସୀ ୭୮ ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲା ହେଉ, ରାଜ୍ୟ ରାଜଧାନୀରେ ହେଉ କିମ୍ବା ଆମ ଆ।ଖପାଖରେ ଉଡୁଥିବା ତ୍ରିରଙ୍ଗାକୁ ଦେଖି ଆମ ହୃଦୟ ଉତ୍ସାହରେ ପରିପୂର୍ଣ୍ଣ ହୋଇଯାଇଥାଏ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ସାମାଜିକ ନ୍ୟାୟ ହେଉଛି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ସରକାର ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ସମାଜର ଅନ୍ୟାନ୍ୟ ଅବହେଳିତ ବର୍ଗଙ୍କ କଲ୍ୟାଣ ପାଇଁ ଅନେକ ଅଭୂତପୂର୍ବ ପଦକ୍ଷେପ ଗ୍ରହଣ କରିଛନ୍ତି। ଦ୍ରୌପଦୀ ମୁର୍ମୁଙ୍କ ରାଷ୍ଟ୍ର ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରି କହିଛନ୍ତି, ସରକାରଙ୍କ ସାମାଜିକ ଉତଥାନ ଓ ରୋଜଗାର ଆଧାରିତ ଜନକଲ୍ୟାଣ ଯୋଜନା ମାଧମରେ ପଛୁଆ ସମ୍ପ୍ରଦାୟର ଲୋକଙ୍କୁ ସିଧାସଳଖ ଆ।ର୍ଥିକ ସହାୟତା ପ୍ରଦାନ କରାଯାଉଛି। ସେହିଭଳି ସ୍ୱତନ୍ତ୍ର ଭାବରେ ଦୁର୍ବଳ ଜନଜାତି ଗୋଷ୍ଠୀର ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆ।ଣିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି।









## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ । ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ । ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି । ଏବେ ଏଥିରେ ଗୁଜୁରାତି ଗୁଣ୍ଡି, କିସମିସ୍, କାଜୁ ପକାଇ । ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି । ଏହାକୁ ଆପଣ ଗରମ ଗରମ ଖାଇପାରିବେ ।



**ଖବର**

# ବିଗ୍ ବଜେଟର 'କେବିସି ୧୬' ସହ ଫେରିଲେ ବିଗ




ମେଗାଷ୍ଟାର ଅମିତାଭ ବଚ୍ଚନ ବିଧିବଦ୍ଧ ଭାବେ ଲୋକପ୍ରିୟ କ୍ୱିଜ୍ ଶୋ' 'କୌନ ବନେଗା କରୋଡ଼ପତି(କେବିସି)'ର ୧୬ତମ ସଂସ୍କରଣର ହୋଷ୍ଟ ଭାବେ ପୁଣି ଥରେ ଦର୍ଶକଙ୍କ ନିକଟକୁ ଫେରିଛନ୍ତି। ନିଜ ଚିତ୍ତାକର୍ଷକ ହୋଷ୍ଟିଂ ପାଇଁ ଲୋକପ୍ରିୟ ବିଗ୍ ବିଙ୍କ ପ୍ରତ୍ୟାବର୍ତ୍ତନ, ଟିଭି ଶୋ'ର ଦର୍ଶକଙ୍କ ପାଇଁ କୌଣସି ବଡ଼ ଭେଟିଠାରୁ କମ୍ ନୁହେଁୟ। ସୂଚନା ମୁତାବକ, ଏଥର ଶୋ'କୁ ବଡ଼ ବଜେଟରେ ପ୍ରସ୍ତୁତ କରାଯାଉଛି ଏବଂ ଅମିତାଭ ବଚ୍ଚନ ମଧ ଶୋ'ର ଗୋଟିଏ ଏପିସୋଡ୍ ପାଇଁ ବିପୁଳ ପରିମାଣର ଫି' ଚାର୍ଜ କରୁଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଚଳିତ ସିଜନ୍ରେ ଅଭିନେତା ପ୍ରତି ଏପିସୋଡ ପାଇଁ ୫ କୋଟି ଟଙ୍କା ଫି' ନେଉଛନ୍ତି, ଯାହା ଗତ ସିଜନ୍ ତୁଳନାରେ ବେଶ୍ ଅଧିକ। ଅମିତାଭ ୨୪ ବର୍ଷ ଧରି ଏହି ଶୋ' ସହ ଜଡ଼ିତ ଅଛନ୍ତି ଏବଂ ରିପୋର୍ଟ ମୁତାବକ, ଶୋ'ର ପ୍ରଥମ ସିଜନ୍ (୨୦୦୦ ମସିହା)ରେ ତାଙ୍କୁ ପ୍ରତି ଏପିସୋଡ୍ ପାଇଁ ପ୍ରାୟ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। କେବିସି ଯେତେ ଆଗକୁ ଆଗକୁ ବଢିଲା ଅମିତାଭ ବଚ୍ଚନଙ୍କ ଲୋକପ୍ରିୟତା ମଧ ତା' ସହ ବଢି ଚାଲିଲା, ଯେଉଁଥିପାଇଁ ତାଙ୍କ ଫି' ମଧ ବୃଦ୍ଧି ପାଇଲା ।ଚତୁର୍ଥ ସିଜନ୍ ସୁଦ୍ଧା ତାଙ୍କ ଫି' ବୃଦ୍ଧି ପାଇ ଏପିସୋଡ୍ ପ୍ରତି ୫୦ ଲକ୍ଷ ଟଙ୍କା ହୋଇଥିଲା, ଯାହା ପୂର୍ବ ପାଉଣାର ଦୁଇ ଗୁଣା ଥିଲା। ଷଷ୍ଠ ସିଜନ୍ ସୁଦ୍ଧା ଅଭିନେତାଙ୍କ ଫି' ଏପିସୋଡ୍ ପିଛା ୧.୫ କୋଟିରୁ ୨ କୋଟି ଟଙ୍କା ମଧ୍ୟରେ ପହଞ୍ଚିଥିଲା। ଏକ ରିପୋର୍ଟ ମୁତାବକ, ଅଷ୍ଟମ ସିଜନରେ ତାଙ୍କ ଫି' ବଢି ୨ କୋଟି ପ୍ରତି ଏପିସୋଡ୍ ହୋଇଥିଲା। ୯ମ ସିଜନ ସୁଦ୍ଧା ଏହା ବଢି ୨.୬ କୋଟି ଟଙ୍କା ପ୍ରତି ଏପିସୋଡ୍ରେ ପହଞ୍ଚିଥିଲା। ୧୦ମ ସିଜନ୍ରେ ୩କୋଟି ଟଙ୍କା ଚାର୍ଜ କରୁଥିଲେ। ସିଜନ୍ ୧୧ରୁ ୧୩ ପାଇଁ ବିଗ୍ ବି ଗୋଟିଏ ଏପିସୋଡ୍ରୁ ୩.୫ କୋଟି ଟଙ୍କା ଚାର୍ଜ କରିଥିଲେୟ ସେହିପରି ୧୪ତମ ସିଜନରେ ଏପିସୋଡ୍ ପିଛା ୪-୫ କୋଟି ଟଙ୍କା ଫି' ନେଇଥିଲେ । ସୂଚନାଯୋଗ୍ୟ, କେବିସିର ନୂଆ ସଂସ୍କରଣର ପ୍ରିମିୟର ଅଗଷ୍ଟ ୧୨ରେ ହୋଇଥିଲା। ପ୍ରଥମ ପ୍ରତିଯୋଗୀ ଉତ୍କର୍ଷ ବକ୍ସି ୩.୨୦ ଲକ୍ଷ ଟଙ୍କା ଜିତିଥିଲେ।

# ପ୍ରତି ଗୁରୁବାର ତୁଳସୀ ଗଛ ମୂଳେ କ୍ଷୀର ଢାଳନ୍ତୁ



ନକାରାତ୍ମକ ଶକ୍ତିର ପ୍ରଭାବ ରହିଲେ ଆର୍ଥିକ ସମସ୍ୟାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ଦେଖାଯାଏ। ତେବେ ଘରୁ ନକାରାତ୍ମକ ଶକ୍ତିକୁ ଦୂର କରି ସକାରାତ୍ମକ ଶକ୍ତି ସଞ୍ଚାର କରିବା ପାଇଁ ବାସ୍ତୁଶାସ୍ତ୍ରରେ ଅନେକ ଉପାୟ ରହିଛି। ତା'ହେଲେ ଆସନ୍ତୁ ଜାଣିନେବା ସେହିପରି କିଛି ଉପାୟ ସଂପର୍କରେ, ଯାହା ଘରର ସୁଖଶାନ୍ତିକୁ ବଜାୟ ରଖିବାରେ ସାହାଯ୍ୟ କରେ।

୧. ପ୍ରତି ଗୁରୁବାର ତୁଳସୀ ଗଛକୁ ଅଳ୍ପ କ୍ଷୀର ଅର୍ପଣ କରନ୍ତୁ ବା ଏହାର ମୂଳରେ ଢାଳନ୍ତୁ। ଏହାଦ୍ୱାରା ଘରେ ଲକ୍ଷ୍ମୀ ବାସ କରିଥା'ନ୍ତି ଓ ଆର୍ଥିକ ସମସ୍ୟା ସୁଧୁରିଥାଏ।

୨. କିଛି ଘରେ ସର୍ବଦା କଳିଝଗଡ଼ା ଲାଗି ରହେ। ଆପଣଙ୍କ ଘରେ ବି ଏହି ସ୍ଥିତି ଅଛି କି ? ତା'ହେଲେ ପ୍ରତିଦିନ ପାଣିରେ ଅଳ୍ପ ଲୁଣ ମିଶାଇ ଘର ପୋଛନ୍ତୁ। ଏହାଦ୍ୱାରା ନକାରାତ୍ମକ ଶକ୍ତି ନଷ୍ଟ ହୋଇଯିବ ଏବଂ ପରିବାରର ସଦସ୍ୟଙ୍କ ମଧ ପ୍ରେମ ଓ ଶ୍ରଦ୍ଧା ବଢ଼ିବ।

୩. ପ୍ରତ୍ୟେକ ଦିନ ଶିବ ଲିଙ୍ଗରେ ଜଳ ସହିତ ଅଳ୍ପ କ୍ଷୀର ମିଶାଇ ଅଭିଷେକ କରନ୍ତୁ। ତେବେ ପାତ୍ରରେ ଅଳ୍ପ ଟିକେ କ୍ଷୀର ମିଶା ପାଣି ବଞ୍ଚାଇ ରଖନ୍ତୁ। ଏହାକୁ ଘରର ମୁଖ୍ୟ ଦ୍ୱାରର ଦୁଇ ପାର୍ଶ୍ୱରେ ଢାଳନ୍ତୁ। ଏହାଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ।

୪. ପ୍ରତି ଦିନ ସଂଧ୍ୟାରେ ଓସ୍ତ ଗଛ ମୂଳରେ ପାଣି ଦିଅନ୍ତୁ। ପାଣିରେ ଅଳ୍ପ ଟିକେ କ୍ଷୀର ବି ମିଶାନ୍ତୁ। ଏହାପରେ ଦୀପ ଲଗାଇ ମନରେ ଯାହା ଅଛି ତାକୁ ସ୍ମରଣ କରି ଓସ୍ତ ଗଛକୁ ୫ ଥର ପରିକ୍ରମା କରନ୍ତୁ। ଏପରି କଲେ ଆପଣଙ୍କ ଇଚ୍ଛା ପୂରଣ ହୋଇଥାଏ ଓ ଘରେ ସୁଖଶାନ୍ତି ବିରାଜମାନ କରନ୍ତି।

# ରୁଦ୍ରାଭିଷେକ କଲେ ସୁଖଶାନ୍ତି ମିଳିଥାଏ

ଲୋକମାନେ ଦେବତାଙ୍କୁ ଫଳ, ଫୁଲ ନୈବେଦ୍ୟ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଯାହାର ସୁଫଳ ମିଳିଥାଏ ବୋଲି ଅନେକ ମତବ୍ୟକ୍ତ କରିଥାନ୍ତି । ଯଦି ଶିବଲିଙ୍ଗକୁ ରୁଦ୍ରାଭିଷେକ କରାଯାଏ ଏବଂ ତାର ଫଳ ସୁନିଶ୍ଚିତ ମିଳିଥାଏ ବୋଲି ଅନେକ ଜ୍ୟୋତିଷବିଦ୍ ପ୍ରକାଶ କରିଛନ୍ତି। ଆସନ୍ତୁ ଜାଣିବା ଭଗବାନ ମହାଦେବଙ୍କୁ କଣ ଅଭିଷେକ କଲେ କ'ଣମିଳିଥାଏ । ଯଦି କେହି ବ୍ୟକ୍ତି ସୁନାରେ ତିଆରି ଶିବଲିଙ୍ଗକୁ ଅଭିଷେକ କରେ ସେ ସର୍ବସିଦ୍ଧି ପ୍ରାପ୍ତ କରିଥାଏ। ସେହିଭଳି ରୂପାରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ପିତଳରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୁଖ ଶାନ୍ତି ମିଳିଥାଏ । ପାରଦରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସମସ୍ତ ସୌଭାଗ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ । କର୍ପୂରରେ ତିଆରି ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସବୁ ପ୍ରକାର ମଙ୍ଗଳ ହୋଇଥାଏ । ଲୁହାରେ ନିର୍ମିତ ଶିବ ଲିଙ୍ଗକୁ ଜଳାଭିଷେକ କଲେ ବ୍ୟକ୍ତି ଶତ୍ରୁକୁ ପରାସ୍ତ କରିବା ସହ ନିଜେ ବିଜୟୀ ହୋଇଥାଏ । ଚନ୍ଦନରେ ନିର୍ମିତ ଶିବଲିଙ୍ଗକୁ ଧନଲାଭ କରିପାରିବ । ଫୁଲରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଭୂ-ସମ୍ପତ୍ତିର ଅଧିକାରୀ ହୋଇପାରିବେ । ମିଶ୍ରି ବା ଚିନିରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଅଭୀଷ୍ଟ ପୂରଣ ହୁଏ । ବାଉଁଶରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସନ୍ତାନ ପ୍ରାପ୍ତ କରିପାରିବେ । ଦୁବରେ ତିଆରି ଶିବ ଲିଙ୍ଗକୁ ରୁଦ୍ରାଭିଷେକ କଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ ।



# ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍



ପାଣ୍ଡବ ଏବଂ କୌରବଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ କୃପୀଙ୍କ ପୁତ୍ର ଥିଲେ ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧ ପୂର୍ବରୁ ଦ୍ରୋଣାଚାର୍ଯ୍ୟ ଅନେକ ସ୍ଥାନ ଭ୍ରମଣ କରୁଥିଲେ । ଥରେ ସେ ହିମାଳୟରେ ପହଞ୍ଚିଲେ । ସେଠାରେ ତମସା ନଦୀ ତଟରେ ଥିବା ଏକ ଦିବ୍ୟ ଗୁମ୍ଫାରେ ସେ ତପସ୍ୟା କଲେ। ଭଗବାନ ଶିବ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପ୍ରକଟ ହେଲେ । ଗୁରୁ ଦ୍ରୋଣାଚାର୍ଯ୍ୟ ଭଗବାନ ଶିବଙ୍କୁ ପୁତ୍ର ପ୍ରାପ୍ତି ନିମନ୍ତେ ବରଦାନ ମାଗିଲେ । ଶିବ ତଥାସ୍ତୁ ! କହି ଅନ୍ତର୍ଦ୍ଧାନ ହୋଇଗଲେ । ଏହାର କିଛିଦିନ ପରେ ଦ୍ରୋଣାଚାର୍ଯ୍ୟଙ୍କ ପତ୍ନୀ କୃପୀ ଏକ ଅତ୍ୟନ୍ତ ତେଜସ୍ୱୀ ପୁତ୍ରକୁ ଜନ୍ମ ଦେଲେ । ଅଶ୍ୱତ୍ଥାମାର ମସ୍ତକରେ ଏକ ଅମୂଲ୍ୟ ମଣି ଥିଲା । ଶକ୍ତିଶାଳୀ ଦୈତ୍ୟ, ଦାନବ, ଶସ୍ତ୍ର, ବ୍ୟାଧି, ଦେବତା, ନାଗର ମଣି ଭଳି ତାହା ଦେଖାଯାଉଥିଲା । ଅଶ୍ୱତ୍ଥାମା ଜନ୍ମ ସମୟରେ ତାଙ୍କ ମୁଖରୁ ଘୋଡ଼ା ଭଳି 'ହିଁ ହିଁ' ଶବ୍ଦ ବାହାରୁଥିଲା । ଏହି କାରଣରୁ ତାଙ୍କ ନାମ 'ଅଶ୍ୱତ୍ଥାମା' ରଖାଗଲା ।

ମହାଭାରତରେ ଉଲ୍ଲେଖ ରହିଛି ଯେ ଥରେ ଅଶ୍ୱତ୍ଥାମା ଦ୍ୱାରିକା ପହଞ୍ଚିଲା । ଶ୍ରୀକୃଷ୍ଣ ତାକୁ ସ୍ୱାଗତ ଜଣାଇଲେ । କିଛିଦିନ ରହିବା ପରେ ଥରେ ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ ଅଶ୍ୱତ୍ଥାମା କହିଲା, ଆପଣ ମୋ ଠାରୁ ଅଜେୟ ବ୍ରହ୍ମାସ୍ତ୍ର ନେଇ ନିଜ ସୁଦର୍ଶନ ଚକ୍ର ମୋତେ ପ୍ରଦାନ କରନ୍ତୁ । ଏହାଶୁଣି ଶ୍ରୀକୃଷ୍ଣ କହିଲେ, ତୁମେ ମୋର ଯେକୌଣସି ଅସ୍ତ୍ର ନେଇପାର । ଏହାପରେ ଅଶ୍ୱତ୍ଥାମା ସୁଦର୍ଶନ ଚକ୍ର ଉଠାଇବା ଲାଗି ଚେଷ୍ଟା କଲା । ହେଲେ ପାରିଲା ନାହିଁ । ସେ ନିରାଶ ହୋଇ ଶ୍ରୀକୃଷ୍ଣଙ୍କୁ କହିଲା, ମୋର ସୁଦର୍ଶନ ଚକ୍ର ଦରକାର ନାହିଁ । ଏହାପରେ ଶ୍ରୀକୃଷ୍ଣ ତାଙ୍କୁ ବୁଝାଇ କହିଲେ, ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍ । ସେ ଏମିତି କିଛି ବସ୍ତୁ ମାଗିବା ଉଚିତ୍ ନୁହେଁ, ଯାହାକୁ ସମ୍ଭାଳିବା ମଧ ତା'ପକ୍ଷେ କଷ୍ଟକର ହୋଇପଡ଼ିବ । ଏହାଶୁଣି ଅଶ୍ୱତ୍ଥାମା ଲଜ୍ଜିତ ହେଲା ଏବଂ କୌଣସି ଅସ୍ତ୍ର ନନେଇ ଦ୍ୱାରିକାରୁ ଫେରିଗଲା ।



# ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଯୋଗଦାନ

ରାମାୟଣର କଥାବସ୍ତୁ ଅନୁସାରେ ଯେତେବେଳେ ଭଗବାନ ରାମ ମା ସୀତାଙ୍କ ଉଦ୍ଧାର ପାଇଁ ଲଙ୍କରେ ପହଞ୍ଚିବାକୁ ସମୁଦ୍ରରେ ସେତୁବନ୍ଧ ନିର୍ମାଣ କରୁଥିଲେ ମହାବଳୀ ହନୁମାନଠାରୁ ଆରମ୍ଭ କମରି ପୂରା ବାନର ସେନା ଲାଗି ରହିଥିଲେ । ମହାବୀର ହନୁମାନ ଏବଂ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥର ସବୁରେ 'ଶ୍ରୀରାମ' ଲେଖି ନିର୍ମାଣ କାର୍ଯ୍ୟରେ ଲିପ୍ତ ରହିଥିଲେ । ଏହି ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଦୃଷ୍ଟି ଏକ ଗୁଣ୍ଡୁଚି ମୂଷା ଉପରେ ପଡ଼ିଲା । ଗୁଣ୍ଡୁଚି ମୂଷାଟି ସମୁଦ୍ର କୂଳରେ ଥିବା ବାଲିରେ ଗଡ଼ି ଯାଉଥିଲା ଏବଂ ଦେହରେ ଲାଗିଥିବା ବାଲିକୁ ପୋଲ ନିର୍ମାଣ ସ୍ଥଳରେ ଝାଡ଼ି ଦେଉଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣ୍ଡୁଚି ମୂଷାଟି ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଭଗବାନ ରାମ ଦେଖିବାକୁ ପାଇଲେ । ଗୁଣ୍ଡୁଚି ପାଖକୁ ଯାଇ ଶ୍ରଦ୍ଧାରେ ଗୁଣ୍ଡୁଚି ମୂଷାକୁ ନିଜର ହାତରେ ଉଠାଇ କହିଲେ- ଯେ ତୁମେ କ'ଣ କରୁଛି। ଗୁଣ୍ଡୁଚି ମୂଷାଟି ଭଗବାନ ରାମଙ୍କୁ ପ୍ରଣାମ କଲା ଏବଂ କହିଲା - ମହାବଳୀ ହନୁମାନ ହନୁମାନ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥରରେ ଏହି ପୋଲର ନିର୍ମାଣ କରୁଛନ୍ତି । କିନ୍ତୁ ମୁଁ ଛୋଟ ଗୁଣ୍ଡୁଚି ମୂଷାଟିଏ । ତେଣୁ ମୋଦ୍ୱାରା ଯାହା ସମ୍ଭବ ତାହା ମୁଁ କରୁଛି । ଏହି କାମରେ ମୁଁ ମୋର ଏହି ଛୋଟିଆ ଯୋଗଦାନ ଦେବାକୁ ଚାହୁଁଛି। ଭଗବାନ ରାମ ଗୁଣ୍ଡୁଚିର ଏହି ଭାବନାରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରଦ୍ଧାରେ ତା ପିଠିକୁ ଆଉଁଶି ଦେଲେ । ସେହିଦିନଠାରୁ ଗୁଣ୍ଡୁଚି ମୂଷା ପିଠିରେ ଭଗବାନ ରାମଙ୍କ ଅଙ୍ଗୁଳି ଚିହ୍ନ ରହିଛି ।



# ୨ ଯୁବତୀଙ୍କ ସହ ରଙ୍ଗିଲା ସ୍ୱାମୀଙ୍କୁ ଧରିଲେ ପତ୍ନୀ



ଭୁବନେଶ୍ୱର,୧୪।୮ (ମହାଭାରତ): ରାଜଧାନୀରେ ହାଇଡ୍ରାମା। ଦୁଇ ବଙ୍ଗୀୟ ଯୁବତୀଙ୍କ ସହ ହୋଟେଲ ରୁମରେ ଥିବାବେଳେ ସ୍ୱାମୀଙ୍କୁ ରଙ୍ଗେ ହାତ ଧରିଲେ ସ୍ତ୍ରୀ। ପୋଲିସକୁ ସାଙ୍ଗରେ ନେଇ ମହିଳା ନିଜ ସ୍ୱାମୀକୁ ହୋଟେଲ ରୁମରୁ ଅନ୍ୟ ଦୁଇ ଯୁବତୀଙ୍କ ସହ ଧରିଛନ୍ତି। ଏଭଳି ଘଟଣା ଘଟିଛି ଭୁବନେଶ୍ୱର ଇନଫୋସିଟି ଥାନା ଅଧୀନରେ। ପୂର୍ବରୁ ସ୍ୱାମୀର ପରକୀୟା ସମ୍ପର୍କ ନେଇ ଥାନାରେ ଅଭିଯୋଗ କରିବା ସହ ପୋଲିସର ସାହାଯ୍ୟ ଲୋଡ଼ିଥିଲେ। ଯାହା ପରେ ପୋଲିସ ରେଡ୍ କରିଥିଲା। ତେବେ ଅଭିଯୁକ୍ତ ସ୍ୱାମୀଙ୍କ ସହ ଦୁଇ ଯୁବତୀ ଅଟକ ଅଛନ୍ତି।

ସୂଚନା ଅନୁସାରେ, ଉକ୍ତ ଯୁବକ ଜଣକ ପେସାରେ ଜଣେ ରାପର। ତାଙ୍କ ନାଁରେ ଚନ୍ଦ୍ରଶେଖରପୁର ଓ ନନ୍ଦନକାନନ ଥାନାରେ ମଧ୍ୟ ପୂର୍ବରୁ ମାମଲା ରହିଛି। ଏନେଇ ତଦନ୍ତ ଆରମ୍ଭ କରିଛି ପୋଲିସ। ପୁଲିସ ହାତରେ ଧରାପଡ଼ିଲା ପରେ ରଙ୍ଗିଲା ସ୍ୱାମୀ ମୁହଁ ଖୋଲିଛନ୍ତି। ମତେ ଫସେଇ ଦିଆଯାଇଛି ବୋଲି କହିଛନ୍ତି। ମୋର କୌଣସି ଭୁଲ୍ ନାହିଁ। କିଛି ଦିନ ତଳେ ଅଭିନେତ୍ରୀ ସୁପ୍ରିୟା ଏବଂ ତାଙ୍କ ସ୍ୱାମୀ ମୋ ନାଁରେ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ସେମାନେ ମୋ ସ୍ତ୍ରୀଙ୍କୁ ଚକ୍ରାନ୍ତରେ ଫସାଇ ମୋ ନାଁରେ ଏଭଳି ଅଭିଯୋଗ ଆଣିବା ସହିତ ଫସେଇ ଦେଇଛନ୍ତି। କଟକ ଟାଉନର ଅଭିନବ ସିଂ ଗତକାଲି ରାତିରେ ଭୁବନେଶ୍ୱର ନନ୍ଦନକାନନ ଥାନା ଅଧୀନରେ ପରିଚାଳିତ ଏକ ଓୟୋ ରୁମରୁ ଧରାପଡ଼ିଥିଲେ। ଓୟୋ ରୁମରେ ଦୁଇ ବଙ୍ଗୀୟ ଯୁବତୀଙ୍କ ସହିତ ଥିବା ବେଳେ ମୋବାଇଲ୍ ନୋଟିଫିକେସନ୍ ତାଙ୍କୁ ପୁଲିସ ହାତରେ ଧରାଇଦେଲା। ପୁଲିସକୁ ଧରି ଓୟୋ ରୁମରେ ତାଙ୍କ ସ୍ତ୍ରୀ ପହଞ୍ଚିଲେ। ଘଟଣା ସମୟରେ ସେ ବଙ୍ଗୀୟ ଯୁବତୀମାନଙ୍କ ସହ ଅସଜ୍ଞିତ ଅବସ୍ଥାରେ ଥିଲେ ବୋଲି କୁହାଯାଉଛି। ଅଭିନବ ଜଣେ ସଫ୍ଟୱେୟାର୍ ଇଂଜିନିୟର ଥିଲେ। ଏକ କମ୍ପାନିରେ ଚାକିରି କରୁଥିଲେ। ହେଲେ ପରବର୍ତ୍ତୀ ସମୟରେ ଚାକିରି ଛାଡ଼ି ରାପର ଭାବେ କାମ କରୁଥିଲେ। ଅନେକ ଲୋକଗୀତ ଓ ଝାବଡ଼ ଗୀତ ଗାଇଥିଲେ। ଗୀତ ଗାଇବା ନିଶା ହେଲେ ମଧ୍ୟ ପେଶା କିନ୍ତୁ ସଙ୍ଗୀନ ଗୋଟାଇବା। ଘରେ ପତ୍ନୀ ଥାଉଁ ଥାଉଁ ଗୀତ ଗାଇବା ବାହାନାରେ ହୋଟେଲରେ ଯୁବତୀଙ୍କ ସହିତ ରାତି କଟାଉ ଥିଲେ। ହେଲେ ସ୍ୱାମୀଙ୍କ ଅନ୍ଧାରୀ ରାତିର ରଙ୍ଗିଲା କାହାଣୀ ସମ୍ପର୍କରେ ସାମାନ୍ୟତମ ଖବର ପାଉନଥିଲେ ପତ୍ନୀ। ସ୍ୱାମୀ ଯାହା ବାହାନା କରୁଥିଲେ, ସେ ସବୁକୁ ବିଶ୍ୱାସ କରୁଥିଲେ। କାରଣ ସେ ତନମନ ଦେଇ ଅଭିନବଙ୍କୁ ଭଲ ପାଉଥିଲେ।

# ବିଜେପି ଯୁବମୋର୍ଚ୍ଚା ତରଫରୁ ତ୍ରିରଙ୍ଗାଯାତ୍ରା



ଭୁବନେଶ୍ୱର,୧୪।୮ (ମହାଭାରତ):ଦେଶ ଏବେ ୭୮ ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ରାଷ୍ଟ୍ର ଭକ୍ତି, ଜାତୀୟତାବାଦ, ଦେଶଭକ୍ତି ଓ ଦେଶରେ ଏକତା ଅଖଣ୍ଡତା ରକ୍ଷା କରିବା ପାଇଁ ଏବଂ ଦେଶକୁ ଶକ୍ତିଶାଳୀ କରି ଦେଶବାସୀଙ୍କୁ ଦଳ, ମତ, ଜାତି ନିର୍ବିଶେଷରେ ସମସ୍ତଙ୍କୁ ଏକଜୁଟ୍ କରିବା ନିହାତି ଆବଶ୍ୟକ। ତ୍ରିରଙ୍ଗା ମାଧ୍ୟମରେ ଜାତୀୟତାବାଦ, ରାଷ୍ଟ୍ରବାଦ ପ୍ରଚାର କରିବା ସହ ଲୋକଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ବିଜେପି ପକ୍ଷରୁ ଅଗଷ୍ଟ ୧୧ ରୁ ୧୪ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ନେତୃତ୍ୱରେ ପ୍ରଥମେ କଟକସ୍ଥିତ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜନ୍ମପୀଠରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ସେଠାରୁ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ତ୍ରିରଙ୍ଗା ପଦଯାତ୍ରା କରି ତେଲେଙ୍ଗା ବଜାରସ୍ଥିତ ମହାତ୍ମା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ରାଜ୍ୟ ସାଧାରଣ ସମ୍ପାଦକ ତଥା ବିଜେପି କଟକ ଜିଲ୍ଲା ପ୍ରଭାରୀ ଡ. ଯତିନ ମହାନ୍ତି ଯୋଗ ଦେଇଥିଲେ। ଜାତୀୟ ପତାକା ଦେଶବାସୀଙ୍କ ସ୍ୱାଭିମାନ ଓ ଗୌରବ। ଜାତୀୟ ପତାକାକୁ ସମ୍ମାନର ସହିତ ଉଚ୍ଚ ସ୍ଥାନରେ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ । ତ୍ରିରଙ୍ଗା ମାଧ୍ୟମରେ ଜାତୀୟତାବାଦ, ରାଷ୍ଟ୍ରବାଦ ପ୍ରଚାର କରିବା ସହ ଦେଶପ୍ରେମ ଜାଗ୍ରତ କରିବା ବିଜେପି ଯୁବମୋର୍ଚ୍ଚାର ଉଦ୍ଦେଶ୍ୟ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

# ଉତ୍ତର ନିର୍ବାଚନ ମଣ୍ଡଳୀରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୪।୮ (ମହାଭାରତ): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସ୍ୱାଧୀନତାର ୭୭ ବର୍ଷ ପରେ ରାଷ୍ଟ୍ର ଭକ୍ତି, ଜାତୀୟତାବାଦ, ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ବଜାୟ ରଖିବା ସହିତ ଏକ ଶକ୍ତିଶାଳୀ ରାଷ୍ଟ୍ର ନିର୍ମାଣରେ ଜନସାଧାରଣଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ଜାରି ରହିଥିବା ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆଜି ଉତ୍ତର ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି।

ଚନ୍ଦ୍ରଶେଖରପୁର ଓମଫେଡ ଛକ ଠାରୁ ୧୮୦ ମିଟର ତ୍ରିରଙ୍ଗା ପତାକା ଧରି ମାନବ ଶୃଙ୍ଖଳ ଶୋଭାଯାତ୍ରାରେ ଶତାଧିକ ଦେଶଭକ୍ତ ବାହାରି ଜନତା ମଇଦାନ ସ୍ଥିତ ଧ୍ୱଜା କ୍ଷେତ୍ରରେ ପହଞ୍ଚି ଥିଲେ। ସେଠାରେ ଭୁବନେଶ୍ୱର ଜିଲ୍ଲା ବିଜେପି କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରୀ ମିଶ୍ର ଅଭିଭାଷଣ ରଖି କହିଥିଲେ ଲୋକମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଏକତା ଭାବ ଜାଗ୍ରତ କରିବା ସହିତ ଜାତୀୟତାବାଦରେ ଉଦବୁଦ୍ଧ ହୋଇ ଦେଶ ମାତୃକାର ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ଉପସଭାପତି ନିରଞ୍ଜନ ରାଉତ, ଯୁବମୋର୍ଚ୍ଚା ସଭାପତି ସ୍ୱୟଂସେବକ ରାୟ, ମହିଳାମୋର୍ଚ୍ଚା ସଭାପତି ଶୁଭାସିନୀ ପୃଷ୍ଟି, ବରିଷ୍ଠ ବିଜେପି ନେତ୍ରୀ ରଶ୍ମୀ ମହାପାତ୍ର, ସମ୍ପାଦକ ଦିଲ୍ଲିପ କୁମାର ବେହେରା, ଚନ୍ଦ୍ରଶେଖରପୁର ମଣ୍ଡଳ ସଭାପତି ନଗେନ କୁମାର ବିଶୋଇ, ବାଣୀବିହାର ମଣ୍ଡଳ ସଭାପତି ବିଜୟ କୁମାର ରାଉତ, ଶ୍ରୀକୃଷ୍ଣ ମଣ୍ଡଳ ସଭାପତି ଅଞ୍ଜନ କୁମାର ନାଥ, ଗ୍ରାମୀଣ ମଣ୍ଡଳ ସଭାପତି ସଂଯୁକ୍ତା ପଡିହାରୀ, କର୍ପୋରେଟର ଯଶୋଧାରା ପ୍ରଧାନ ଓ ଲକ୍ଷ୍ମୀପ୍ରିୟା ପରିଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ କୁନାଲ ରାଉତ, ବରିଷ୍ଠ ନେତା ପ୍ରଦୀପ କୁମାର ଜେନା, କ୍ଷୀରୋଦ କୁମାର ଜେନା, ରାଜେନ୍ଦ୍ର ଜେନା, ଯୁବନେତା ସଞ୍ଜୟ କୁମାର ପତି ଏବଂ ଉତ୍ତର ନିର୍ବାଚନ ମଣ୍ଡଳୀର ସମସ୍ତ ନେତୃମଣ୍ଡଳୀ, କର୍ମକର୍ତ୍ତା, ବରିଷ୍ଠ ନାଗରିକ, ମହିଳା, ଯୁବକ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ମାତାମଠରେ ରାମକୃଷ୍ଣ ମଠ ଓ ମିଶନର ଅଧ୍ୟକ୍ଷ



କଟକ,୧୪।୮ (ମହାଭାରତ): ରାମକୃଷ୍ଣ ମଠ ଓ ମିଶନର ଅଧ୍ୟକ୍ଷ ଶ୍ରୀମଦ ସ୍ୱାମୀ ଗୌତମାନନ୍ଦଜୀ ମହାରାଜ ଅଗଷ୍ଟ ୧୨ ତାରିଖ ଦିନ ହଜାର ବର୍ଷର ସହର କଟକର ମାତାମଠସ୍ଥିତ ରାମକୃଷ୍ଣ ମିଶନ ଶାଖାରେ ଅନ୍ୟ ସନ୍ନ୍ୟାସୀମାନଙ୍କ ସହିତ ଭକ୍ତମାନଙ୍କୁ ଆଶୀର୍ବାଦ ଦେବା ନିମନ୍ତେ ପଦାର୍ପଣ କରିଥିଲେ।

ଶ୍ରୀମଦ ସ୍ୱାମୀ ଗୌତମାନନ୍ଦଜୀ ମହାରାଜ ତାଙ୍କର ସ୍ୱଳ୍ପକାଳୀନ ରହଣୀ ସମୟ ମଧ୍ୟରେ ନିଜର ୯୫ ବର୍ଷ ବୟସ ସତ୍ତ୍ୱେ ଅତି ଶୃଙ୍ଖଳାର ସହ ଶ୍ରୀ ରାମକୃଷ୍ଣ, ଶ୍ରୀ ଶ୍ରୀ ମା' ସାରଦା ଦେବୀ ଓ ସ୍ୱାମୀ ବିବେକାନନ୍ଦଙ୍କର ଆଳତୀ କରିଥିଲେ।

ଉପସ୍ଥିତ ଭକ୍ତମାନେ ତାଙ୍କ ଆଳତୀରେ ବିମୁଗ୍ଧ ହୋଇ ଶ୍ରୀ ରାମକୃଷ୍ଣାୟ ନମଃ ଏବଂ ବେଦପାଠ କରିଥିଲେ। ପରେ ସ୍ୱାମୀ ଗୌତମାନନ୍ଦଜୀ ମହାରାଜ ଭକ୍ତମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ କିଛି ଭକ୍ତମାନଙ୍କ ସହ କିଛି ସମୟ ବିତାଇ ଭଦ୍ରକ କୋଠାରସ୍ଥିତ ଶ୍ରୀ ଶ୍ରୀ ମା' ସାରଦା ଦେବୀଙ୍କ ମଠକୁ ଗସ୍ତ କରିଥିଲେ।

# ଏସଆଇ - ଗ୍ଲୋବାଲର ନୂତନ କାର୍ଯ୍ୟାଳୟ ଉନ୍ମୋଚିତ

ଭୁବନେଶ୍ୱର,୧୪।୮ (ମହାଭାରତ): ଆନ୍ତର୍ଜାତୀୟ ଶିକ୍ଷା ପ୍ରଦାନ କରିବା ନିମନ୍ତେ ଏସଆଇ -ୟୁକେ ଦ୍ୱାରା ପ୍ରତିଷ୍ଠିତ ଏସଆଇ - ଗ୍ଲୋବାଲର ନୂତନ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଉଦଘାଟନ ହୋଇଛି। ଏସଆଇ - ଗ୍ଲୋବାଲ ମିଶନ୍ ବିଦେଶରେ ଅଧ୍ୟୟନ କରିବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କୁ ଆନ୍ତର୍ଜାତୀୟ ଶିକ୍ଷାରେ ପାରଙ୍ଗମ କରାଇବା ନିମନ୍ତେ ଉଚିତ ମାର୍ଗଦର୍ଶନ ସମେତ ସ୍ୱତନ୍ତ୍ର ଭାବେ ସହାୟତା ପ୍ରଦାନ କରିବ। ଏସଆଇ - ଗ୍ଲୋବାଲ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀ ଆୟର କହିଛନ୍ତି, ଭୁବନେଶ୍ୱରରେ ଆମର ନୂତନ କାର୍ଯ୍ୟାଳୟ ପ୍ରତିଷ୍ଠା କରି ଆମେ ଆନନ୍ଦିତ ଏହି ସମ୍ପ୍ରସାରଣ ସମଗ୍ର ଭାରତରେ ଶିକ୍ଷାଗତ ସୁଯୋଗ ବିସ୍ତାର କରିବାକୁ ଆମର ଅଦମ୍ୟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଆନ୍ତର୍ଜାତୀୟ ଶିକ୍ଷାର ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ନିମନ୍ତେ ଆମେ ପ୍ରତିଶୃତିବଦ୍ଧ ଭୁବନେଶ୍ୱରରେ ଆମର ନୂତନ କାର୍ଯ୍ୟାଳୟ ଉଦଘାଟନ ଦ୍ୱାର ଏହି ଅଞ୍ଚଳର ଛାତ୍ରଛାତ୍ରୀ ମାନଙ୍କୁ ବିଶେଷତଃ ବୈଦେଶିକ ଶିକ୍ଷାର ଅଭିଜ୍ଞତାକୁ ବଢାଇବା ସହ ସେମାନଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରିବାରେ ବିଶେଷ ସହାୟତା ପ୍ରଦାନ କରିବ। ଭୁବନେଶ୍ୱର କାର୍ଯ୍ୟାଳୟ ବ୍ୟତୀତ, ଏସଆଇ-ଗ୍ଲୋବାଲ ନୋଏଡା ଏବଂ ଦିଲ୍ଲୀରେ ନୂତନ କାର୍ଯ୍ୟାଳୟ ଉନ୍ମୋଚନ କରି ଭାରତର ପ୍ରମୁଖ ମହାନଗରରେ ଏହାର ଉପସ୍ଥିତିକୁ ଆହୁରି ବିସ୍ତାର କରିଛି।



# ବାଲାଷ୍ଟ ବିହୀନ ଟ୍ରାକ୍ ଟେକ୍ନୋଲୋଜି ଗ୍ରହଣ କରିବ ପୂର୍ବତଟ ରେଳପଥ



ଭୁବନେଶ୍ୱର,୧୪।୮ (ମହାଭାରତ): ପୂର୍ବ ତଟ ରେଳପଥ ଏହାର ପରିସୀମା ମଧ୍ୟରେ ନୂତନ ପ୍ରକଳ୍ପ ନିର୍ମାଣ କରୁଥିବାବେଳେ ରେଳ ଟନେଲରେ ଉନ୍ନତ ବାଲାଷ୍ଟ ବିହୀନ ଟ୍ରାକ୍ ଟେକ୍ନୋଲୋଜି ଗ୍ରହଣ କରୁଛି। ଏହି ରଣନୀତିକ ପଦକ୍ଷେପ ରେଳ ପରିବହନର ନିରାପତା, ଦକ୍ଷତା ଏବଂ ସ୍ଥିରତାକୁ ବୈପ୍ଳବିକ ପରିବର୍ତ୍ତନ ଆଣି ଟନେଲ ପରିବେଶରେ ପ୍ରତିକୂଳ ପରିସ୍ଥିତି ପାଇଁ ଆହ୍ୱାନ ଭାବରେ ଗ୍ରହଣ କରିଛି।

ପ୍ରାରମ୍ଭିକ ଭାବେ ପୂର୍ବତଟ ରେଳପଥ ମଧ୍ୟରେ ଚାଲୁରହିଥିବା କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପର ବାଇଗୁଡା ଏବଂ କାକିରିଗୁମ୍ମା ଷ୍ଟେସନ୍ ମଧ୍ୟରେ ୬୦୦ ମିଟର ଟନେଲ୍ ପାଇଁ 'ରେଡା ୨୦୦୦ ବ୍ଲକ୍ ସିଷ୍ଟମ୍' ସହିତ ବାଲାଷ୍ଟ ବିହୀନ ଟ୍ରାକ୍ କାର୍ଯ୍ୟ ହାତକୁ ନିଆଯାଇଅଛି ଯାହାର ନିର୍ମାଣ କାର୍ଯ୍ୟ ପାୟତଃ ଶେଷ ପର୍ଯ୍ୟାୟରେ ଅଛି। ଏହି ବାଲାଷ୍ଟ ବିହୀନ ଟ୍ରାକ୍ ପ୍ରଣାଳୀ ମଧ ପୂର୍ବତଟ ରେଳପଥ ମଧ୍ୟରେ ଚାଲୁରହିଥିବା ବିଭିନ୍ନ ପ୍ରକଳ୍ପର ନିର୍ମାଣାଧୀନ ଟନେଲରେ କାର୍ଯ୍ୟକାରୀ ହେବାକୁ ଯୋଜନା ରହିଛି। ଏବେ ନିର୍ମାଣାଧୀନ ଥିବା କୋଟାଭାଲାସା-କିରାଣ୍ଡୁଲ, କୋରାପୁଟ-ରାୟଗଡା ଦୋହରୀକରଣ ପ୍ରକଳ୍ପ ଏବଂ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ଏବଂ ତାଳଚେର-ବିମଳାଗଡ଼ ନୂତନ ରେଳ ଲାଇନ ମାନଙ୍କରେ ଟନେଲ କାର୍ଯ୍ୟ ଚାଲୁରହିଛି। ବିଶେଷ ଭାବେ ଟନେଲଗୁଡିକରେ ବାଲାଷ୍ଟ ବିହୀନ ଟ୍ରେନ୍ ଟ୍ରାକ୍ ଅନେକ ଗୁରୁତ୍ୱପୂର୍ଣ୍ଣ ସୁବିଧା ପ୍ରଦାନ କରୁଛି ଯାହା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଆଦର୍ଶ ହୋଇପାରିଛି। ଏଗୁଡ଼ିକ ମଧ୍ୟରେ ବର୍ଦ୍ଧିତ ସ୍ଥାୟୀତ୍ୱ ଏବଂ ଦୀର୍ଘାୟୁତା; ସ୍ଥିରତା ଏବଂ ନିରାପତା ବୃଦ୍ଧି; ରକ୍ଷଣାବେକ୍ଷଣ ମୂଲ୍ୟ ହ୍ରାସ; ଉନ୍ନତ ଆରାମଦାୟକ ଯାତ୍ରା ଏବଂ ଶବ୍ଦ ହ୍ରାସ; ଦକ୍ଷ ଉପଯୁକ୍ତ ସ୍ଥାନ ବ୍ୟବହାର, ପରିବେଶ ଅନୁକୂଳ; ଉନ୍ନତ ଜଳ ନିଷ୍କାସନ ଏବଂ ଜଳ ପରିଚାଳନା ଏବଂ ଶୀଘ୍ର ସ୍ଥାପନ ଏବଂ କାର୍ଯ୍ୟକ୍ଷମ ଅନ୍ତର୍ଭୁକ୍ତ। ବାଲାଷ୍ଟ ବିହୀନ ଟ୍ରାକ୍ ଅଧିକ ଦୃଢ଼ ଏବଂ ପାରମ୍ପାରିକ ବାଲାଷ୍ଟେଡ୍ ଟ୍ରାକ୍ ତୁଳନାରେ କମ୍ ରକ୍ଷଣାବେକ୍ଷଣ ଆବଶ୍ୟକ କରେ । ବାଲାଷ୍ଟଲେସ୍ ଟ୍ରାକରେ ବ୍ୟବହୃତ ସାମଗ୍ରୀ ଯେପରିକି କଂକ୍ରିଟ୍ ଏବଂ ଷ୍ଟିଲ୍, ଏକ ଦୀର୍ଘ ସେବା ସ୍ଥାୟୀତ୍ୱ ପ୍ରଦାନ କରିଥାଏ ଯାହା ସେମାନଙ୍କୁ ଟନେଲ୍ ପାଇଁ ଅଧିକ ଦୃଢ଼ତା ବିକଳ୍ପ କରିଥାଏ । ବାଲାଷ୍ଟ ବିହୀନ ଟ୍ରାକ୍ ଅଧିକ ଭାର ପରିଚାଳନା କରିପାରିବ, ଯାହା ସେମାନଙ୍କୁ ହାଇ ସ୍ପିଡ୍ ରେଳ କିମ୍ବା ଭାରୀ ମାଲ ପରିବହନ ପାଇଁ ଉପଯୁକ୍ତ କରିପାରେ ଯାହା ଟନେଲ ଦେଇ ଯାଇପାରେ।

# 'ସଲ୍‌ଭ ଫର ଟୁମୋରୋ' ପାଇଁ ସର୍ଟଲିଷ୍ଟ ଘୋଷଣା

ଭୁବନେଶ୍ୱର,୧୪।୮ : ସାମସଙ୍ଗ ଇଣ୍ଡିଆ ଏହାର ଫ୍ଲାଗସିପ ସିଏସଆର କାର୍ଯ୍ୟକ୍ରମ 'ସଲ୍‌ଭ ଫର ଟୁମୋରୋ' ୨୦୨୪ ପାଇଁ ଶ୍ରେଷ୍ଠ ୨୦ ଟିମକୁ ଜାତୀୟସ୍ତରରେ ସର୍ଟଲିଷ୍ଟ ଘୋଷଣା କରିଛି। ପରବର୍ତୀ ଜାତୀୟ ରାଉଣ୍ଡକୁ ଯିବାକୁ ଥିବା ଦଳଗୁଡିକ ୧୨ଟି ରାଜ୍ୟ ଏବଂ ୨କେନ୍ଦ୍ରଶାସିତ ଅଂଚଳର ଭୌଗୋଳିକ ବିବିଧତାକୁ ପ୍ରତିନିଧିତ୍ୱ କରୁଛନ୍ତି। ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ଅଳ୍ପ କିଛି ଦୁର୍ଗମ ସ୍ଥାନ ମଣିପୁରର ଇମ୍ଫାଲ, ମେଘାଳୟର ପୂର୍ବ ଖାସି ପାହାଡ ଏବଂ ଛତିଶଗଡର ବିଲାସପୁରରୁ ଆସିଛନ୍ତି। କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣରେ, ଛାତ୍ରଛାତ୍ରୀମାନେ ଦୁଇଟି ଚିନ୍ତାଧାରା 'ସମ୍ପ୍ରଦାୟ ଏବଂ ଅନ୍ତର୍ଭୁକ୍ତୀକରଣ' ଏବଂ 'ପରିବେଶ ଏବଂ ନିରନ୍ତରତା' ଅଧୀନରେ ସେମାନଙ୍କର ଧାରଣା ଦାଖଲ କରିଥିଲେ। ବଂଚିତ ସମ୍ପ୍ରଦାୟ, ଅଭିଜ୍ଞ ଶିକ୍ଷଣ ଏବଂ ଡିଜିଟାଲ ସାକ୍ଷରତା ଉପରେ ଚ୍ୟାଲେଞ୍ଜ ଉପରେ ୨୦% ବିଦ୍ୟାଳୟ ଟ୍ରାକର ଚିନ୍ତାଧାରା ଦାଖଲ ହୋଇଛି। ସେହିପରି ଯୁବ ଟ୍ରାକରେ ଥିବା ପ୍ରାୟ ୨୫% ଧାରଣା ଜଳ ସଂରକ୍ଷଣ, ଆର୍ସେନିକ ପ୍ରଦୂଷଣ, ଜଳ ଅପଚୟ ଏବଂ ନଦୀ ଅବବାହିକାରେ ପରିବେଶ ଅସନ୍ତୁଳନ ପ୍ରସଙ୍ଗ ଉପରେ ରହିଛି। ଏଥିସହ, ପ୍ରାୟ ୪୦% ଧାରଣାରେ ଟ୍ରାଫିକ ଦ୍ୱାରା ସୃଷ୍ଟି ହେଉଥିବା ବାୟୁ ପ୍ରଦୂଷଣକୁ ରୋକିବା, ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତିର ଅଭାବ,ଏକକ ବ୍ୟବହାର ପ୍ଲାଷ୍ଟିକ ବୃଦ୍ଧି ଏବଂ ବନ୍ୟପ୍ରାଣୀ ଉପରେ ଗୁରୁତ୍ୱାରୋପ କରାଯାଇଛି। ସାମସଙ୍ଗର ଫ୍ଲାଗସିପ ସିଏଆର କାର୍ଯ୍ୟକ୍ରମ,'ସଲ୍‌ଭ ଫର ଟୁମୋରୋ'ଟେକ୍ନୋଲୋଜି ବ୍ୟବହାର କରି ବାସ୍ତବ ଦୁନିଆର ଆହ୍ୱାନର ମୁକାବିଲା ପାଇଁ ଉଭୟ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବାକୁ ଚଳିତ ବର୍ଷ ଧ୍ୟାନ ଦେଇଛି।

## ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶା ଉଚ୍ଚଶିକ୍ଷାର ବିକଳ ଚିତ୍ର

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଓଡ଼ିଆ ଅସ୍ମିତା ପରିଷଦ

ଭୁବନେଶ୍ୱର,୧୪।୮ (ମହାଭାରତ): ଗତକାଲି କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ଦ୍ୱାରା ଦେଶର ବିଶ୍ୱବିଦ୍ୟାଳୟ, କଲେଜ, ଇଂଜିନିୟରିଂ, ଡାକ୍ତରୀ ଓ ମ୍ୟାନେଜ୍‌ମେ ଅନୁଷ୍ଠାନ ଗୁଡ଼ିକର ଗୁଣବତାକୁ ନେଇ ୧୬ଟି ମାନଦଣ୍ଡ ଉପରେ ପର୍ଯ୍ୟବେଶିତ ସର୍ବେକ୍ଷଣର ଏନ୍.ଆଇ.ଆର.ଏଫ୍. ରାଙ୍କିଙ୍ଗ୍ ପ୍ରକାଶ ପାଇଛି। ଏହି ସର୍ବେକ୍ଷଣରେ ଓଡ଼ିଶାର କଲେଜ ଓ ବିଶ୍ୱବିଦ୍ୟାଳୟର ବିକଳ ଚିତ୍ର ପଦାରେ ପଡ଼ିଯାଇଛି। ରାଜ୍ୟର କୌଣସି ଗୋଟିଏ ସରକାରୀ ବିଶ୍ୱବିଦ୍ୟାଳୟ ଏହି ଏନ୍.ଆଇ.ଆର.ଏଫ୍. ରାଙ୍କିଙ୍ଗ୍‌ର ସାମଗ୍ରିକ ବର୍ଗରେ ଶ୍ରେଷ୍ଠ ୧୦୦ ଭିତରେ ସ୍ଥାନ ନପାଇବା ଦୁଃଖ ଓ କ୍ଷୋଭର ବିଷୟ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଉଦ୍‌ବେଗ୍ ପ୍ରକାଶ କରାଯାଇ ମାନ୍ୟବର ରାଜ୍ୟପାଳ ତଥା କୁଳାଧିପତିଙ୍କ ହସ୍ତକ୍ଷେପ ଦାବିକରି ଏକ ପତ୍ର ଲେଖାଯାଇଛି। ଏହି ପତ୍ରରେ କୁହାଯାଇଛି ଯେ, ଆଉ ୧୨ ବର୍ଷ ପରେ ଓଡ଼ିଶା ଯେତେବେଳେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକ ପାଳନ କରିବାକୁ ଯାଉଛି, ସେହି ସମୟରେ ଓଡ଼ିଶାର ଉଚ୍ଚଶିକ୍ଷା ବ୍ୟବସ୍ଥାର ଅବସ୍ଥା ଯଦି ଏତେ ବିପର୍ଯ୍ୟସ୍ତ ଓ ନିମ୍ନମାନର ତାହେଲେ କେଉଁଭଳି ପ୍ରଗତିଶୀଳ ଓଡ଼ିଶା ଗଠନରେ ଆମେ ଆଗେଇ ପାରିବା। ରାଜ୍ୟରେ ଯୁବଗୋଷ୍ଠୀ ଓଡ଼ିଶାକୁ ଏକ ସମୃଦ୍ଧଶାଳୀ ଓ ସୁଖି ଓଡ଼ିଶା ଗଠନ କରିବାରେ ନିଜକୁ କେତେ ଦକ୍ଷ ଓ ପରାକ୍ରମୀ ଭାବରେ ଗଢ଼ିପାରିବେ, ସେଥିରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ବିଶ୍ୱବିଦ୍ୟାଳୟ ଓ କଲେଜ ମାନଙ୍କୁ କୋଠାବାଡି, ଓ ପ୍ରଶିକ୍ଷଣ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଦିଆଯାଉଥିଲେ ମଧ୍ୟ ତାହାର ସୁଫଳ ଏନ୍.ଆଇ.ଆର.ଏଫ୍. ରାଙ୍କିଙ୍ଗ୍‌ରେ ପ୍ରତିଫଳିତ ହୋଇପାରିନାହିଁ । ରାଜ୍ୟର କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକର ଦୂରବସ୍ଥା, ଦୁର୍ନୀତି ଓ ଅରାଜକତା ଯୋଗୁଁ ଶିକ୍ଷାର ବାତାବରଣ ନଷ୍ଟ ହୋଇଯାଇଛି। କ୍ୟାମ୍ପସ୍ ଗୁଡ଼ିକରେ ରାଜନୈତିକ ବାହ୍ୟଶକ୍ତିର ରାଜନୈତିକ ହସ୍ତକ୍ଷେପ ଯୋଗୁଁ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଯିଏ ଯେତେବେଳେ ଶାସନରେ ରହିଲା ସେହି ଶାସକ ଦଳମାନଙ୍କର ପ୍ରିୟାପ୍ରୀତି ତୋଷଣ ନୀତି ଯୋଗୁଁ କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକ ତଇଥାନ କେନ୍ଦ୍ର ପାଲଟିଯାଇଛି।

# ଗ୍ରାମୀଣ କ୍ଷେତ୍ରର ୮୦,୦୦୦ରୁ ଅଧିକ ଯୁବବର୍ଗ ବେଦାନ୍ତ ସେସା ଗୋଆର ଡିଜିଟାଲ ପଦକ୍ଷେପ ଦ୍ୱାରା ଉପକୃତ ହୋଇଛନ୍ତି

ଭୁବନେଶ୍ୱର,୧୪।୮ : ଆନ୍ତର୍ଜାତୀୟ ଯୁବ ଦିବସ ୧୨ ଅଗଷ୍ଟ ୨୪ ରେ ବିଶ୍ୱସ୍ତରରେ ସ୍ୱୀକୃତ ହୋଇଛି ଏବଂ ଯୁବ ପ୍ରସଙ୍ଗ ଅନ୍ତର୍ଜାତୀୟ ସମ୍ପ୍ରଦାୟର ଦୃଷ୍ଟି ଆକର୍ଷଣ କରୁଛି। ଆଜିର ବିଶ୍ୱ ସମାଜରେ ଅଂଶୀଦାର ଭାବରେ ଯୁବପିଢ଼ିଙ୍କ ସମ୍ଭାବନାକୁ ଦୃଷ୍ଟିରେ ରଖି ଏହା ପାଳନ କରିଥାଏ। ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ପ୍ରମ୍ କ୍ଲିକ୍ ଟୁ ପ୍ରୋଗ୍ରେସ୍: ୟୁଥ୍ ଡିଜିଟାଲ ପାଥୱେ ଫର୍ ସସଷ୍ଟେନବୁଲ୍ ଡେଭଲପମେଂଟ'। ଯାହା ଡିଜିଟାଲ ବ୍ୟବହାର କରୁଥିବା ଯୁବବର୍ଗମାନଙ୍କ ମିଳିତ ସମ୍ଭାବନାକୁ ଗୁରୁତ୍ୱ ଦେଇଛି। ଯୁବ ସଶକ୍ତିକରଣ, ବିକାଶ ଏବଂ ଦକ୍ଷତା କ୍ଷେତ୍ରରେ ବେଦାନ୍ତ ସେସା ଗୋଆ ଅଗ୍ରଭାଗରେ ରହିଆସିଛି। ଡିଜିଟାଲ ସାକ୍ଷରତା ଉପରେ ତଥା ସୁଲଭ ଆଇଟି ଶିକ୍ଷା ପ୍ରଦାନରେ ଏହା ଗ୍ରାମୀଣକ୍ଷେତ୍ରର ଯୁବବର୍ଗମାନଙ୍କ ଉପରେ ଏକ ପରିବର୍ତ୍ତନଶୀଳ ପ୍ରଭାବ ପକାଇଛି ଏବଂ ଏହାର ସମାଜକୁ ଫେରାଇବା ଦର୍ଶନକୁ ଜାରି ରଖିଛି। ସମାଜ ପାଇଁ ଏବଂ ଏକ ବୈଷୟିକ ଜ୍ଞାନକୌଶଳରେ ଯୋଗଦାନ ଯୁବବର୍ଗମାନଙ୍କୁ ପ୍ରତିଷ୍ଠିତ କରାଇବାର ଲକ୍ଷ୍ୟ ରଖିଛି। ବେଦାନ୍ତ ଫାଉଣ୍ଡେସନର ତତ୍ତ୍ୱାବଧାନରେ ବେଦାନ୍ତ ସେସା ଗୋଆ ବେଦାନ୍ତ କମ୍ପ୍ୟୁଟର ଲ୍ୟାବ ଏବଂ କେନ୍ଦ୍ର ପ୍ରତିଷ୍ଠା କରିଥିଲା। ଯାହାକି ଯୁବବର୍ଗ ଏବଂ ଛାତ୍ରଛାତ୍ରୀମାନଙ୍କର ଏକ ଡିଜିଟାଲ ସଚେତନ ତଥା ସକ୍ଷମ ବିଭାଗ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବେଦାନ୍ତ ସେସା ଗୋଆ ବର୍ତମାନ ୧୦ଟି କମ୍ପ୍ୟୁଟର ସେଂଟର ଏବଂ ୧୪ ଟି କମ୍ପ୍ୟୁଟର ଲ୍ୟାବ ପରିଚାଳନା କରୁଛି। ସରକାରଙ୍କ ସହଯୋଗରେ ଚାଲିଥିବା ବେଦାନ୍ତ ଇ-ଶିକ୍ଷା ପରି ପଦକ୍ଷେପ ୨୦୧୮ଠାରୁ ଗୋଆ ସରକାରଙ୍କ ଦ୍ୱାରା ଜାରି ରହିଛି। ଚାଲୁଥିବା ଆଇଟି ପଦକ୍ଷେପଗୁଡିକ ଏପର୍ଯ୍ୟନ୍ତ ରାଜ୍ୟର ୩୫୦ ରୁ ଅଧିକ ବିଦ୍ୟାଳୟରେ ୮୦,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଏବଂ ଯୁବବର୍ଗଙ୍କୁ ରୂପାନ୍ତର କରିବାରେ ସାହାଯ୍ୟ କରିଛି। ବିଦ୍ୟାଳୟରେ ସ୍ଥାପିତ କମ୍ପ୍ୟୁଟର ଲ୍ୟାବ ଯେପରିକି ଆୱାର ଲେଡି ଅଫ ଗ୍ରେସ ହାଇସ୍କୁଲ, ବିଚୋଲିମ ଏବଂ ଶ୍ରୀମତି ଉଚ୍ଚ ବିଦ୍ୟାଳୟ, ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଶ୍ରେଣୀଗୃହ ପାଠ୍ୟକ୍ରମ ମାଧ୍ୟମରେ କମ୍ପ୍ୟୁଟର ତାଲିମ ଦକ୍ଷତା ଯୋଗାଇବାକୁ ଲକ୍ଷ୍ୟ ରଖିଛି।କମ୍ପ୍ୟୁଟର ଲ୍ୟାବ ବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀ ଅତ୍ୟାଧୁନିକ ହାର୍ଡୱେର, ସର୍ଭର ଏବଂ ଅନ୍ୟାନ୍ୟ ବୈଷୟିକ ଉପକରଣ ରହିଛି।

# ଓଡିଶାକୁ ଦେଶର ସ୍ୱଚ୍ଛତମ ରାଜ୍ୟ କରିବାକୁ ଆହ୍ୱାନ

ଭୁବନେଶ୍ୱର,୧୪।୮ (ମହାଭାରତ): ଓଡ଼ିଶାକୁ ଦେଶର ସବୁଠାରୁ ପରିଷ୍କାର ରାଜ୍ୟ କରିବା ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାର ସମୟ ଆସିଛି। ଏହି ମାଇଲଖୁଣ୍ଟ ହାସଲ କରିବାକୁ ସମସ୍ତ ପୌରପାଳିକା ଗୁଡିକୁ ଯଥା ସମ୍ଭବ ଉଦ୍ୟମ କରିବାକୁ ପଡିବ। ଏହି ଲକ୍ଷ୍ୟ ହାସଲ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପୌରପାଳିକା ମାନଙ୍କୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରାଯିବ। ଗତ ମଙ୍ଗଳବାର ଦିନ ଗୋପାଳପୁର ଠାରେ ଅନୁଷ୍ଠିତ ସ୍ୱଚ୍ଛ ସର୍ବେକ୍ଷଣର ଜୋନ୍ ସ୍ତରୀୟ କର୍ମଶାଳାରେ ଯୋଗ ଦେଇ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ସ୍ୱଚ୍ଛ ଭାରତ ମିଶନର ମିଶନ୍ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଏହା କହିଛନ୍ତି। ନାଗରିକମାନଙ୍କୁ ଦିଆଯାଇଥିବା ପରିମଳ ସେବାର ଗୁଣବତ୍ତା ର ବୃଦ୍ଧି ତଥା ପରିମଳ ସେବାର ପ୍ରତ୍ୟେକ କ୍ଷେତ୍ରରେ ଜନ ଭାଗୀଦାରୀ ବୃଦ୍ଧି କରିବାକୁ ଶ୍ରୀ ପାଟିଲ ପୌରପାଳିକା ମାନଙ୍କୁ ପରାମର୍ଶ କରିଛନ୍ତି। ଅତିରିକ୍ତ ଶାସନ ସଚିବ ତଥା ଅତିରିକ୍ତ ମିଶନ୍ ନିର୍ଦ୍ଦେଶକ ବିନୟ କୁମାର ଦାଶ ପ୍ରାରମ୍ଭିକ ସୂଚନା ଦେଇ କର୍ମଶାଳାରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୌରପାଳିକାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଗୁଡିକ ଯଥା ବର୍ଜ୍ୟବସ୍ତୁ ସଂଗ୍ରହ, ଉତ୍ସ ପୃଥକୀକରଣ, ରାସ୍ତା ଘାଟ ସଫା ଇତ୍ୟାଦିରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ କରିବା ପାଇଁ ଅଧିକ ପରିଶ୍ରମ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଆମ ସହରଗୁଡ଼ିକୁ ଅଳିଆ ମୁକ୍ତ ଏବଂ ସୌନ୍ଦର୍ଯ୍ୟ ପୂର୍ଣ୍ଣ କରିବାକୁ ମତ ଦେଇଥିଲେ। ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ୍ ଅନ୍ତର୍ଗତ ସମସ୍ତ ପୌରପାଳିକା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ଗୋପାଳପୁର ଠାରେ ସ୍ୱଚ୍ଛ ସର୍ବେକ୍ଷଣ ନିମନ୍ତେ ଏକ ଜୋନ୍ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

# ଅନିୟମିତତା ପ୍ରମାଣିତ

ଯେଉଁ ସବୁ ପରୀକ୍ଷା କେନ୍ଦ୍ରର ଅନେକ ପିଲା ପୂର୍ବରୁ ଶତ ପ୍ରତିଶତ ନମ୍ବର ରଖିଥିଲେ ସେମାନଙ୍କ ମଧ୍ୟରୁ ଏଥର ଅନେକ ସର୍ବନିମ୍ନ ମାର୍କ ମଧ୍ୟ ରଖିପାରିନାହାଁନ୍ତି । ଏଥରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ଗତ ମେ ୫ ତାରିଖରେ ଯେଉଁ ନିଟ ପରୀକ୍ଷା ହୋଇଥିଲା ସେଥିରେ ବ୍ୟାପକ ଅନିୟମିତତା ହୋଇଥିଲା । ବହୁ ମେଧାବୀ ଛାତ୍ରଛାତ୍ରୀ ଏହା ଦ୍ୱାରା ଅନ୍ୟାୟର ଶୀକାର ହୋଇଥିଲେ । ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଫଳରେ କିଛିଟା ନ୍ୟାୟ ପ୍ରତିଷ୍ଠା ହୋଇଛି । ନିଟ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିବା ପରେ ଅନେକ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ବା ଏନଟିଏର ଉଚ୍ଛେଦ ନିମନ୍ତେ ଦାବି କରୁଛନ୍ତି । ତାମିଲନାଡୁ ଭଳି ରାଜ୍ୟର ସରକାର ବହୁ ପୂର୍ବରୁ ଏଭଳି ଦାବି ଉଠାଇଛନ୍ତି ଏବଂ ପୂର୍ବପରି ରାଜ୍ୟ ସରକାରମାନଙ୍କୁ ସେମାନଙ୍କ ନିଜ ନିଜ ରାଜ୍ୟରେ ପ୍ରତିଷ୍ଠିତ ମେଡିକାଲ କଲେଜରେ ନାମ ଲେଖାଇବାର ନୀତି ନିୟମ ଏବଂ ପ୍ରକ୍ରିୟା ନିର୍ଦ୍ଧାରଣ କରିବାର ଦାୟିତ୍ୱ ହସ୍ତାନ୍ତର କରିବା ଲାଗି ଦାବି କରି ଆସୁଛନ୍ତି । ଏବେ କଂଗ୍ରେସ ମଧ୍ୟ ଏନଟିଏ ଉଚ୍ଛେଦ ଦାବି କରୁଛି । ଏଥର ନିଟ ପରୀକ୍ଷାରେ ଅନିୟମିତତା ହୋଇଛି ସତ, ମାତ୍ର ଏନଟିଏ ଗଠନର ଉଦ୍ଦେଶ୍ୟ ବିଫଳ ହୋଇ ନାହିଁ । ଆଜି ନହେଲେ କାଲି ଦୁର୍ନୀତିକୁ ରୋକାଯାଇପାରିବ । କିନ୍ତୁ ଏନଟିଏ ଉଚ୍ଛେଦ ହେଲେ ସବୁ ଦିନ ପାଇଁ ଦୁର୍ନୀତିର ବାଟ ଖୋଲିଯିବ । ଦେଶକୁ ଭଲ ଡାକ୍ତରଙ୍କ ଆବଶ୍ୟକତା ରହିଛି । ସେଥିପାଇଁ ମେଧାବୀ ଛାତ୍ରଙ୍କୁ ମେଡିକାଲ ପଢ଼ିବାର ସୁଯୋଗ ଦିଆଯିବା ଉଚିତ । ଏଥିପାଇଁ ଏନପଟିଏ ଗଠିତ ହୋଇଛି । ଯଦି ରାଜ୍ୟ ସ୍ତରରେ ମେଡିକାଲ ପ୍ରବେଶିକା ପରୀକ୍ଷା ହେବ ତେବେ ପ୍ରତି ରାଜ୍ୟରେ ପ୍ରଶ୍ନପତ୍ର ଲିକଠାରୁ ଆରମ୍ଭ କରି ଅନେକ ଦୁର୍ନୀତିର ରାସ୍ତା ଖୋଲିଯିବ । ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଡିକାଲ ପଢ଼ିବାର ସୁଯୋଗ ନମିଳିପାରେ । ତେଣୁ ଏନଟିଏ ଉଚ୍ଛେଦ ଦାବି କଦାପି ଗ୍ରହଣୀୟ ନୁହେଁ । ଭାରତରେ କୌଣସି ଭଲ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ବା କୌଣସି ସରକାରୀ ପଦପଦବୀରେ ନିଯୁକ୍ତି ନିମନ୍ତେ ଆବେଦନ ଲାଗି ବିଜ୍ଞାପନ ପ୍ରକାଶ ପାଏ, ସେତେବେଳେ ଗୋଟିଏ ଗୋଟିଏ ପଦ ବା ସିଟ ଲାଗି ଲକ୍ଷେ ପିଲା ଆବେଦନ କରନ୍ତି । ସରକାରୀ ଅଫିସରେ ପିଅନ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲେ ସ୍ନାତକୋତ୍ତର ଡିଗ୍ରୀଧାରୀ ମେଧାବୀ ଛାତ୍ରଟିଏ ମଧ୍ୟ ଏଥିପାଇଁ ଆଗ୍ରହୀ ହୋଇଥାଏ । କାରଣ ହେଲା ବଂଚିବାକୁ ସଂଘର୍ଷ । ଗରିବ, ନିମ୍ନମଧ୍ୟବିତ୍ତ ବର୍ଗର ଛାତ୍ରଟିଏ ପାଠ ପଢ଼ିବାର ମୁଖ୍ୟ ଉଦ୍ଦେଶ୍ୟ ରଖିଥାଏ କିପରି ସରକାରୀ ଚାକିରୀ ଖଣ୍ଡେ ପାଇବ । କାରଣ ସରକାରୀ ଚାକିରୀରେ ସ୍ଥାୟିତ୍ୱ ରହିଛି, ଘରୋଇ କ୍ଷେତ୍ରରେ ଚାକିରୀ କହିଲେ ଶୋଷଣ ଏବଂ ଅତ୍ୟାଚାର । ଭାରତର ଜନସଂଖ୍ୟା ଯାହା ସେଥିରେ ସମସ୍ତଙ୍କୁ ବା ଅଧା ଆବେଦନକାରୀଙ୍କୁ ନିଯୁକ୍ତି ଦେବା ମଧ୍ୟ ଅସମ୍ଭବ । ଯେତେବେଳେ ଗୋଟିଏ ପଦକୁ ଲକ୍ଷେ ପିଲା ଆବେଦନ କରନ୍ତି, ସେତେବେଳେ ଦୁର୍ନୀତିର ମଧ୍ୟ ଆଶଙ୍କା ରହିଛି । କେବଳ ସରକାରୀ ଚାକିରୀ ନୁହେଁ, ଭଲ ଶିକ୍ଷାନୁଷ୍ଠାନରେ ବିଶେଷ କରି ବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇାକୁ ମଧ୍ୟ ଏଭଳି ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥାଏ ଏବଂ ଏଥିର ମଧ୍ୟ ଦୁର୍ନୀତି ହେଉଛି । ନିକଟରେ ଏନଟିଏ ଦ୍ୱାରା ପରିଚାଳିତ ନିଟ-ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିଛି । ପ୍ରଶ୍ନପତ୍ର ଲିକଠାରୁ ଆରମ୍ଭ କରି କିଛି ପରୀକ୍ଷାର୍ଥୀଙ୍କୁ ବେଆଇନ ଭାବେ ଗ୍ରେସ ମାର୍କ ଦିଆଯିବା ଅଭିଯୋଗ ହେବା ପରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଲହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ସିବିଆଇ ଏହାର ତଦନ୍ତ କରି ୧୪ଜଣଙ୍କୁ ଗିରଫ କରିଛି । ଏହାର ଚେର ବେଶ ଗଭୀରକୁ ଯାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୫୬୩ଜଣ ପରୀକ୍ଷାର୍ଥୀଙ୍କୁ ମିଳିଥିବା ଗ୍ରେସ ମାର୍କକୁ ମଧ୍ୟ ବାତିଲ କରାଯାଇଛି ।

# ଭାରତୀୟ ମୁକ୍ତି ସଂଗ୍ରାମର ବୀରାଙ୍ଗନା

**॥ ଡକ୍ଟର ତପନ କୁମାର ପାଲ ॥**


“ କ୍ୟାପଟେନ୍ ଲକ୍ଷ୍ମୀ ସେହଗାଲ : ୧୯୧୪ ଅକ୍ଟୋବର ୧୪ରେ ମାଡ୍ରାସ କ୍ୟାପଟେଡ଼ ଲକ୍ଷ୍ମୀ ସେହଗାଲ ଭୂମିଷ୍ଠ ହୋଇଥିଲେ । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ ଆଜାଦ ହିନ୍ଦ ଫୌଜରେ ଅଧିକାରୀ ଥିଲେ । ନେତାଜୀଙ୍କ ଆଜାଦ ହିନ୍ଦ ସରକାରରେ ଲକ୍ଷ୍ମୀ ମହିଳା ମାମଲାର ମନ୍ତ୍ରୀ ଥିଲେ । ୧୯୪୨ ଦ୍ୱିତୀୟ ମହାସମର ସମୟରେ ବ୍ରିଟିଶ ସରକାର ଠାରୁ ଜାପାନ ସିଙ୍ଗାପୁର ଅଧିକାର କରିନେଲା । ବ୍ରିଟିଶ ସେନାରେ ଯୋଗ ଦେଇଥିବା ଭାରତୀୟ ଯବାନଙ୍କ ମନରେ ଭାରତ ପ୍ରତି ମମତା ଜାଗିଲା । ଭାରତକୁ ସ୍ୱାଧୀନତା ପ୍ରଦାନ କରାଇବା ପାଇଁ ସେମାନେ ସଂକଳ୍ପବଦ୍ଧ ହେଲେ । ୧୯୪୩ ଜୁଲାଇ ୨ରେ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ପହଞ୍ଚିଲେ ।


ରାଣୀ ଚେନାମ୍ମା : ୧୮୨୪ରେ କିତ୍ତୁର (କର୍ଣ୍ଣାଟକ) ରାଣୀ ଚେନାମ୍ମା ଇଂରେଜ ଜାତିକୁ ତଡ଼ିବା ପାଇଁ ବିଦେଶୀମାନେ ଭାରତ ଛାଡ଼ ବିଗୁଲ ବଜାଇଥିଲେ । ୧୮୫୭ ସ୍ୱାଧୀନତା ସଂଗ୍ରାମର ୩୩ବର୍ଷ ପୂର୍ବରୁ ଚେନାମ୍ମା ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ କରିଥିଲେ । ଯୁଦ୍ଧ କ୍ଷେତ୍ରରେ ରଣଚଣ୍ଡୀ ରୂପ ଧରି ରାଣୀ ଚେନାମ୍ମା ଇଂରେଜ ସୈନିକଙ୍କ ନାକରେ ପାଣି ପିଆଇ ଦେଇଥିଲେ । ଯୁଦ୍ଧ କରୁ କରୁ ଚେନାମ୍ମା ବୀରଗତି ଲାଭ କରିଥିଲେ ।

ରାଣୀ ଲକ୍ଷ୍ମୀବାଈ : ୧୮୩୫ ନଭେମ୍ବରରେ ବନାରସ ନିବାସୀ ମୋରୋପନ୍ତ ତାମ୍ବେଙ୍କ ଘରେ ଲକ୍ଷ୍ମୀବାଈ ଜନ୍ମ ନେଇଥିଲେ । ତାଙ୍କ ପିଲା ଦିନଟି କାନପୁରର ବିଠୁରରେ ନାନା ସାହେବଙ୍କ ସହ କଟିଥିଲା । ୧୮୫୫ରେ ଘୋଡ଼ାସବାରୀ ଓ ତରବାରୀ ଚାଳନାରେ ଅପରାଜେୟ ଲକ୍ଷ୍ମୀବାଈଙ୍କ ସ୍ୱାମୀ ରାଜା ଗଙ୍ଗାଧର ରାଓଙ୍କ ମୃତ୍ୟୁ ହେଲା । ଇଂରେଜ ଶାସକ ତାଙ୍କ ପାଳିତ ପୁତ୍ରକୁ ରାଜା ରୂପେ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନଥିଲେ । ଫଳରେ ରାଣୀ ଲକ୍ଷ୍ମୀବାଈ ପ୍ରବଳ ପରାକ୍ରମ ସହ ଯୁଦ୍ଧ କରି ଇଂରେଜ ସେନାକୁ ଝାନ୍ସୀରୁ ତଡ଼ି ଦେଲେ । ତାନ୍ତିଆ ଟୋପେ ସାହାଯ୍ୟରେ ଗୋରା ସେନାକୁ ଗୋଆଲିୟରରୁ ତଡ଼ିବାରେ ସଫଳ ହେଲେ । ହେଲେ ଭାଗ୍ୟ ଦେବୀଙ୍କ ବିପର୍ଯ୍ୟୟର ଶିକାର ହୋଇ ପରବର୍ତ୍ତୀ ଯୁଦ୍ଧରେ ମୃତ୍ୟୁବରଣ କଲେ ।

ରାଣୀ ଅବନ୍ତୀବାଈ : ମଧ୍ୟପ୍ରଦେଶର ରାମଗଡ଼ରେ ରାଣୀ ଅବନ୍ତୀ ବାଈଙ୍କ ଜନ୍ମ ୧୮୩୧ ଜୁଲାଇ ୧୬ ତାରିଖରେ ହୋଇଥିଲା । ରାମଗଡ଼ ଶାସକ ବିକ୍ରମାଦିତ୍ୟ ସିଂହଙ୍କ ମୃତ୍ୟୁପରେ ଇଂରେଜ ସରକାର ତାଙ୍କ ରାଜ୍ୟକୁ ଦଖଲ କଲା । ୧୮୫୭ ସଂଗ୍ରାମ ସମୟରେ ରାଣୀ ଅବନ୍ତୀ ବାଈ ଇଂରେଜ ସରକାରଠୁ ଦେଶ ହାସଲ ପାଇଁ ଶପଥ ନେଇ ପରବର୍ତ୍ତୀ ସମୟରେ ଯୁଦ୍ଧକରି ବରଂ ନିଜ ଜୀବନ ହାରିବାକୁ ଶ୍ରେୟସ୍କର ମନେ କରିଥିଲେ ।

ବେଗମ୍ ହଜରତ୍ ମହଲ : ୧୮୫୭ ସ୍ୱାଧୀନତା ସଂଗ୍ରାମ ଅମଳରେ ଲକ୍ଷ୍ନୌ ବିଦ୍ରୋହର ନେତୃତ୍ୱ ନେଇଥିଲେ ବେଗମ୍ ହଜରତ ମହଲ । ନାବାଳକ ପୁଅ ବିରଜିସ କାଦରକୁ ସିଂହାସନରେ ବସାଇ ଇଂରେଜ ସରକାର ବିରୋଧରେ ଲଢ଼ାଇ କରିଥିଲେ । ତାଙ୍କ ନେତୃତ୍ୱରେ ଅୱଧ ଜମିଦାର, କୃଷକ ଓ ସୈନିକମାନେ ପ୍ରାଣମୂର୍ଚ୍ଛା ଯୁଦ୍ଧ କରିଥିଲେ । ନିଜେ ହଜରତ ବେଗମ ହାତୀ ପିଠିରେ ବସି ଦିନରାତି ଯୁଦ୍ଧ କରି ବୀରଗତି ଲାଭ କଲେ ।

ସରୋଜିନୀ ନାଇଡୁ : ୧୮୭୯ ଫେବୃୟାରୀ ୧୩ରେ ହାଇଦ୍ରାବାଦରେ ସରୋଜିନୀ ନାଇଡୁ ଜନ୍ମ ଲାଭ କରିଥିଲେ । ମାତ୍ର ୧୩ ବର୍ଷ ବୟସରେ ସରୋଜିନୀ ୧୩୦୦ ପଦବିଶିଷ୍ଟ ‘ଝରଣାର ପାଣି’ ନାମକ କବିତା ଓ ୨୦୦୦ ବାକ୍ୟବିଶିଷ୍ଟ ନାଟକ ଲେଖି ଇଂରେଜ ଭାଷାରେ ତାଙ୍କ ଦକ୍ଷତା ସାବ୍ୟସ୍ତ କରିଥିଲେ । ଇଂଲଣ୍ଡରେ ଥିବାବେଳେ ଡାକ୍ତର ଗୋବିନ୍ଦ ନାଇଡୁଙ୍କ ସହ ତାଙ୍କର ସାକ୍ଷାତ ହେଲା । ପଢ଼ା ଶେଷ ପରେ ମାତ୍ର ୧୯ବର୍ଷ ବୟସରେ ସେ ଗୋବିନ୍ଦ ନାଇଡୁଙ୍କୁ ବିବାହ କଲେ । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ସେ ମହାତ୍ମାଗାନ୍ଧୀଙ୍କ ସହ ଜେଲରେ ପ୍ରାୟ ୨୧ ମାସ ରହିଥିଲେ । ଭାରତ ସ୍ୱାଧୀନତା ଲାଭ ପରେ ତାଙ୍କୁ ଉତ୍ତରପ୍ରଦେଶ ରାଜ୍ୟପାଳ ରୂପେ ନିଯୁକ୍ତି ଦିଆଗଲା । ସେ ସ୍ୱାଧୀନ ଭାରତର ପ୍ରଥମ ମହିଳା ରାଜ୍ୟପାଳ ଥିଲେ ।

ପ୍ରୀତିଲତା ୱାଦେଦର : ୧୯୧୧ ମେ’ ୫ରେ ଚଟଗାଁର ଘୋଲାଘାଟରେ ପ୍ରୀତିଲତା ଜନ୍ମ ଲଭା କରିଥିଲେ । ତାଙ୍କ ବାପା ଜଗବନ୍ଧୁ ୱାଦେଦର ଚଟଗାଁ ନଗରପାଳିକାରେ କିରାଣୀ ଥିଲେ । ତାଙ୍କ ମା’ ପ୍ରତିଭା ୱାଦେଦର ସ୍ଥାନୀୟ ବିପ୍ଲବୀଙ୍କୁ ଆଶ୍ରୟ ଦେଉଥିଲେ । ୧୯୩୨ ସେପ୍ଟେମ୍ବର ୨୩ରେ ପ୍ରୀତିଲତା ସାଥିମାନଙ୍କ ସହ ମିଶି ୟୁରୋପୀୟ କ୍ଲବ ଉପରେ ଆକ୍ରମଣ କଲେ ଓ ଗିରଫଦାରୀରୁ ଉଦ୍ଧରିବା ପାଇଁ ଆତ୍ମହତ୍ୟା ରାସ୍ତା ବାଛିନେଲେ ।

ମାତଙ୍ଗିନୀ ହାଜରା : ୧୮୭୦ ଅକ୍ଟୋବର ୧୯ରେ ପଶ୍ଚିମବଙ୍ଗରେ ମାତଙ୍ଗିନୀ ହାଜରା ଜନ୍ମ ଲାଭ କରିଥିଲେ । ସେ ବିଧବା ଥିଲେ, କିନ୍ତୁ ତାଙ୍କ ଅଦମ୍ୟ ସାହସ ନିକଟରେ ଯୁବକମାନେ ବି ଫିକା ପଡ଼ିଯାଉଥିଲେ । ୧୯୩୨ରେ ତାଙ୍କ ଗାଁରୁ ଗୋଟିଏ ଶୋଭାଯାତ୍ରା ବାହାରିଲା ଯେଉଁଥିରେ କେହି ମହିଳା ନଥିଲେ । ଏକମାତ୍ର ମାତଙ୍ଗିନୀ ସେଥିରେ ଯୋଗ ଦେଇ ସାହସିକତାର ପରିଚୟ ଦେଲେ । ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହରେ ମାତଙ୍ଗିନୀ ଯୋଗ ଦେଲେ । ଲବଣ ସତ୍ୟାଗ୍ରହରେ ବହୁ ଲୋକ ଗିରଫ ହେଲେ । ମାତଙ୍ଗିନୀଙ୍କ ବୃଦ୍ଧାବସ୍ଥା ପ୍ରତି ଦୟା ବହି ପୁଲିସ ତାଙ୍କୁ ଗିରଫ କଲାନାହିଁ । ପରବର୍ତ୍ତୀ ସମୟରେ ବ୍ରିଟିଶ ଫଉଜଙ୍କ ଗୁଳିରେ ତାଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା ।

କସ୍ତୁରବା ଗାନ୍ଧୀ : ୧୮୬୯ ଅପ୍ରେଲ ୧୧ରେ କସ୍ତୁରବା ଜନ୍ମ ଲାଭ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସ୍ତ୍ରୀ କସ୍ତୁରବା ଭାରତରେ ବା’ ନାମରେ ପରିଚିତା । ମାତ୍ର ୧୩ବର୍ଷ ବୟସରେ ସେ ମହାତ୍ମା ଗାନ୍ଧୀଙ୍କୁ ବିବାହ କଲେ । ଦକ୍ଷିଣ ଆଫ୍ରିକା ରହଣି ସମୟରେ କଳାଗୋରା ଭେଦଭାବ ନୀତି ବିରୋଧରେ ତାଙ୍କୁ ଅନେକ ବାର ଜେଲ କାଟିବାକୁ ପଡ଼ିଥିଲା । ସେ ବାପୁଙ୍କ ସହ ପାଦରେ ପାଦ ମିଳାଇ ଚାଲିଥିଲେ । ୧୯୪୨ରେ ବାପୁ ଗିରଫ ହେବା ପରେ ସେ ବମ୍ବେସ୍ଥିତ ଶିବାଜୀ ପାର୍କରେ ହେବାକୁ ଥିବା ସାଧାରଣ ସଭାରେ ଭାଷଣ ଦେବାକୁ ନିଷ୍ପତ୍ତି ନେଲେ । ପାର୍କ ଫାଟକ ନିକଟରେ ପହଞ୍ଚିବା ମାତ୍ରେ ତାଙ୍କୁ ପୁଲିସ ଗିରଫ କଲା । ତାଙ୍କୁ ପୁଣେର ଆଗା ଖାଁ ପ୍ରାସାଦକୁ ପଠାଇ ଦିଆଗଲା । ବଞ୍ଚିଥିବା ପର୍ଯ୍ୟନ୍ତ କସ୍ତୁରବା ମୁକ୍ତି ସଂଗ୍ରାମ ଜାରି ରଖିଥିଲେ ।

କଳ୍ପନା ଦତ୍ତ : ୧୯୩୧ ଜୁଲାଇ ୨୭ରେ ଜନ୍ମିତ ବିପ୍ଳବିଣୀ କଳ୍ପନା ଦତ୍ତ ବିପ୍ଳବୀ ସୂର୍ଯ୍ୟସେନଙ୍କ ସହ ସମ୍ପର୍କ ରକ୍ଷା କରିଥିଲେ । ସେ ଛଦ୍ମବେଶରେ ବିପ୍ଳବୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପହଞ୍ଚାଇବା କାମ କରୁଥିଲେ । ୧୯୩୩ରେ ବିପ୍ଳବୀ ଓ ପୁଲିସଙ୍କ ଭିତରେ ସଶସ୍ତ୍ର ଲଢ଼େଇ ହେଲା । ସୂର୍ଯ୍ୟସେନ୍ ତଥା ତାଙ୍କ ସାଥିମାନଙ୍କୁ ପୁଲିସ ଗରିଫ କଲା । କଳ୍ପନା ମଧ୍ୟ ପୁଲିସ ହାତରେ ଧରାପଡ଼ିଲେ । ସେମାନଙ୍କ ବିଚାର ଚାଲିଲା । ୧୯୩୪ ଫେବୃୟାରୀରେ ସୂର୍ଯ୍ୟ ସେନ୍ ଓ ତାରକେଶ୍ୱରଙ୍କୁ ଅଦାଲତ ଫାଶୀ ଦଣ୍ଡାଦେଶ ଦେଲେ । ୨୧ ବର୍ଷୀୟା କଳ୍ପନାଙ୍କୁ ଆଜୀବନ କାରା ଦଣ୍ଡାଦେଶ ମିଳିଲା । ଅବଶ୍ୟ ରାଷ୍ଟ୍ରପିତା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ଉଦ୍ୟମ ଫଳରେ ତାଙ୍କୁ ଜେଲରୁ ମୁକ୍ତି ମିଳିଥିଲା ।

କ୍ୟାପଟେନ୍ ଲକ୍ଷ୍ମୀ ସେହଗାଲ : ୧୯୧୪ ଅକ୍ଟୋବର ୧୪ରେ ମାଡ୍ରାସ କ୍ୟାପଟେଡ଼ ଲକ୍ଷ୍ମୀ ସେହଗାଲ ଭୂମିଷ୍ଠ ହୋଇଥିଲେ । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ ଆଜାଦ ହିନ୍ଦ ଫୌଜରେ ଅଧିକାରୀ ଥିଲେ । ନେତାଜୀଙ୍କ ଆଜାଦ ହିନ୍ଦ ସରକାରରେ ଲକ୍ଷ୍ମୀ ମହିଳା ମାମଲାର ମନ୍ତ୍ରୀ ଥିଲେ । ୧୯୪୨ ଦ୍ୱିତୀୟ ମହାସମର ସମୟରେ ବ୍ରିଟିଶ ସରକାର ଠାରୁ ଜାପାନ ସିଙ୍ଗାପୁର ଅଧିକାର କରିନେଲା । ବ୍ରିଟିଶ ସେନାରେ ଯୋଗ ଦେଇଥିବା ଭାରତୀୟ ଯବାନଙ୍କ ମନରେ ଭାରତ ପ୍ରତି ମମତା ଜାଗିଲା । ଭାରତକୁ ସ୍ୱାଧୀନତା ପ୍ରଦାନ କରାଇବା ପାଇଁ ସେମାନେ ସଂକଳ୍ପବଦ୍ଧ ହେଲେ । ୧୯୪୩ ଜୁଲାଇ ୨ରେ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ପହଞ୍ଚିଲେ । ସୁଭାଷଙ୍କ ଚିନ୍ତାଧାରା ଲକ୍ଷ୍ମୀ ପ୍ରଭାବିତ ହେଲେ । ଲକ୍ଷ୍ମୀଙ୍କ ଭିତରେ ଦେଶପ୍ରେମ ଦେଖି ସୁଭାଷ ତାଙ୍କ ନେତୃତ୍ୱରେ ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟ ଗଠନ କଲେ । ଭାରତ ମାତା ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ବୀର ମହିଳାମାନଙ୍କୁ ନେଇ ରେଜିମେଣ୍ଟ ଗଠିତ ହେଲା । ୧୯୪୩ ଅକ୍ଟୋବର ୨୨ରେ ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟର କ୍ୟାପଟେନ୍ ଦାୟିତ୍ୱ ସମ୍ଭାଳିଲେ ଲକ୍ଷ୍ମୀ ସେହଗାଲ । ପ୍ରାୟ ୫୦୦ ମହିଳାଙ୍କୁ ଲକ୍ଷ୍ମୀ ସେହଗାଲ ସେନାରେ ସାମିଲ କରାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ପରାସ୍ତ ହେବା ପରେ ପରେ ବ୍ରିଟିଶ ସେନା ଆଜାଦ ହିନ୍ଦ ଫୌଜ ଯବାନମାନଙ୍କୁ ଗିରଫ କରିନେଲା । ସେହି ଉପକ୍ରମରେ ୧୯୪୬ ମାର୍ଚ୍ଚ ୪ରେ ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ଫଉଜ ଗରିଫ କରି ଭାରତ ଆଣିଲା । ସେତିକିବେଳେ ଭାରତ ସ୍ୱାଧୀନତା ଆନ୍ଦୋଳନ ଚରମ ସୀମାରେ ଥିଲା । ଅଗତ୍ୟା ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ସରକାର ମୁକ୍ତ କରିଦେଲେ ।

ବୀଣା ଦାସ : ୧୯୧୧ ଅଗଷ୍ଟ ୧୧ରେ ରଷିକେଷରେ ଜନ୍ମିତ ବୀଣା ଦାସ ଆରମ୍ଭରୁ ସମାଜ ସେବାରେ ବ୍ରତୀ ଥିଲେ । ସେ ‘ପୂଣ୍ୟାଶ୍ରମ’ ପ୍ରତିଷ୍ଠା କରିଥିଲେ । ଅସହାୟ ମହିଳାଙ୍କ ତାଙ୍କ ସଂସ୍ଥା ଆଶ୍ରୟ ପ୍ରଦାନ କରୁଥିଲା । କଲିକତାର ବେଥୁନ କଲେଜରେ ପଢ଼ିବା ସମୟରୁ ତାଙ୍କ ବୈପ୍ଳବାତ୍ମକ ଚିନ୍ତାଧାରା ପ୍ରକାଶ ପାଇଥିଲା । ୧୯୨୮ ରେ ସାଇମନ କମିଶନ ବିରୋଧରେ ବୀଣା କିଛି ଛାତ୍ରଛାତ୍ରୀଙ୍କ ସହଯୋଗରେ କଲେଜ ଫାଟକ ନିକଟରେ ଧାରଣା ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ୯ବର୍ଷ କାରାବାସ କରିବାକୁ ପଡ଼ିଲା । ପୁଲିସ ତାଙ୍କୁ ବହୁ ନିର୍ଯାତିତ ଦେଲେ ମଧ୍ୟ ତାଙ୍କ ମୁହଁରୁ ଗୋଟିଏ ବି ସହଯୋଗୀଙ୍କ ନାମ ଶୁଣିବାକୁ ପାଇଲେ ନାହିଁ ।

କନକଲତା ବରୁଆ : ୧୯୨୪-୪୨ ସବୁଠୁ କମ୍ ବୟସର ବୀରଙ୍ଗନା ଭାବେ ପରିଚିତ କନକଲତା ବରୁଆଙ୍କ ସାହସିକତାର କାହାଣୀ ଶୁଣିଲେ, ଅନେକଙ୍କ ଲୋମ ଟାଙ୍କୁରି ଉଠେ । ୧୯୩୧ ରୈୟତ ଅଧିବେଶନରେ ଭାଗ ନେଇଥିବା ଲୋକମାନଙ୍କୁ ରାଷ୍ଟ୍ରଦୋହ ଅପରାଧରେ ପୁଲିସ ଗିରଫ କଲା । ପରବର୍ତ୍ତୀ ମାତ୍ର ଅଠର ବର୍ଷ ବୟସରେ ସେ ଲଢ଼େଇ କରୁଥିବା ଅବସ୍ଥାରେ ହିଁ ପ୍ରାଣବଳୀ ଦେଇଥିଲେ ।

ନେଲୀ ସେନ୍‌ଗୁପ୍ତା (୧୮୮୬-୧୯୭୩) : ୧୮୮୬ ଜାନୁୟାରୀ ୧୨ରେ କଲିକତାରେ ଜନ୍ମିତ ନେଲୀ ସେନଗୁପ୍ତା ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସାମିଲ ନେଇଥିବା ଯତିନ୍ଦ୍ର ମୋହନ ସେନଗୁପ୍ତାଙ୍କ ସ୍ତ୍ରୀ । ସମସ୍ତ ସୁଖ ତ୍ୟାଗ କରି ନେଲୀ ସ୍ୱାମୀଙ୍କ ସହ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଲେ । ଆସାମ-ବଙ୍ଗଳା ରେଳ ରୋକ ମାମଲାରେ ଯତିନ୍ଦ୍ରଙ୍କୁ ପୁଲିସ ଗିରଫ କରି ଜେଲରେ ଠୁଙ୍କି ଦେଲା । ୧୯୩୩ରେ ନେଲୀ କଲିକତା କଂଗ୍ରେସ ଅଧିବେଶନର ଅଧ୍ୟକ୍ଷତା କଲେ । ପରେ ସେ ଗିରଫ ହୋଇଥିଲେ ।

କମଳାଦେବୀ ଚଟ୍ଟୋପାଧ୍ୟାୟ (୧୯୦୩-୧୯୮୮) : ସ୍ୱାଧୀନତା ସଂଗ୍ରାମୀ କମଳାଦେବୀ ଚଟ୍ଟୋପାଧ୍ୟାୟ ଏକାଧାରରେ ସମାଜ ସୁଧାରକ ଓ ଭାରତୀୟ ହସ୍ତକଳା କ୍ଷେତ୍ରରେ ନବଜାଗରଣ ଆଣିଥିଲେ । ୧୯୦୩ ଅପ୍ରେଲ ୩ରେ କର୍ଣ୍ଣାଟକର ଗୋଟିଏ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମିତ କମଳାଦେବୀ ବାଲିକାବଧୂ ହେଲେ ବି ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ରଖିଥିଲେ । ସେ ମହାତ୍ମା ଗାନ୍ଧି, ଜବାହରଲାଲ ନେହେରୁ, ମୌଲାନା ଆବୁଲ କାଲାମ ଆଜାଦ, ସରୋଜିନୀ ନାଇଡୁଓ କସ୍ତୁରବା ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ । ତାଙ୍କୁ ଅନେକବାର ଜେଲ କଟାଇବାକୁ ପଡ଼ିଥିଲା ।

ଇନ୍ଦିରା ଗାନ୍ଧୀ (୧୯୧୭-୧୯୮୪) : ବିଶ୍ୱ ସ୍ତରରେ ଆଇରନ୍ ଲେଡ଼ିଭାବେ ପରିଚିତା ଏକମାତ୍ର ଭାରତୀୟ ମହିଳା ଇନ୍ଦିରା ଗାନ୍ଧୀ ୧୯୧୭ ନଭେମ୍ବର ୧୯ରେ ନେହେରୁ ପରିବାରରେ ଜନ୍ମ ଲାଭ କରିଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଏକମାତ୍ର କନ୍ୟା ଇନ୍ଦିରାଙ୍କ ବହୁମୁଖୀ ପ୍ରତିଭା ବିଶ୍ୱ ରାଜନୀତିକୁ ପ୍ରଭାବିତ କରିଥିଲା । ସେତେବେଳେ ଆନନ୍ଦ ଭବନକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଆଖଡ଼ା ଶାଳା କୁହାଯାଉଥିଲା । ଭାରତୀୟ ମୁକ୍ତି ସଂଗ୍ରାମ ଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆନନ୍ଦ ଭବନରେ ନିଆଯାଉଥିଲା । ଫଳରେ ବାଳିକା ଇନ୍ଦିରାଙ୍କ ଉପରେ ତାହାର ଗଭୀର ପ୍ରଭାବ ପଡ଼ିଲା । ଦେଶବ୍ୟାପୀ ବିଦେଶୀ ବସ୍ତ୍ର ବର୍ଜନ ଆନ୍ଦୋଳନ ଚାଲିଥିଲାବେଳେ ବାଳିକା ଇନ୍ଦିରା ସ୍ୱୟଂ ବିଦେଶୀ ବସ୍ତ୍ରରେ ନିଆଁ ଲଗାଇ ଖଦୀ ବସ୍ତ୍ର ଧାରଣ କଲେ । ମାତ୍ର ୧୩ ବର୍ଷ ବୟସରେ ସେ ବାନର ସେନା ଗଠନ କରି ଆନ୍ଦୋଳନକାରୀଙ୍କୁ ସାହାଯ୍ୟ କରିଥିଲେ । ଆନ୍ଦୋଳନକାରୀଙ୍କ ନିକଟରେ ଗୁପ୍ତ ସୂଚନା ପହଞ୍ଚାଇ ସେ ଗୁରୁ ଦାୟିତ୍ୱ ତୁଲାଉଥିଲେ । ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍‌ର ପାକିସ୍ତାନ ଦାବି ଭାରତୀୟ ରାଜନୀତିକୁ ଅଶାନ୍ତ କରୁଥିଲା । ଚାରିଆଡ଼େ ସାମ୍ପ୍ରଦାୟିକ ଦଙ୍ଗା ତେଜି ଉଠୁଥିଲା । ଦିଲ୍ଲୀର କେତେକ ଇଲାକାରେ ଦଙ୍ଗା ନିଆଁ ଜଳୁଥିଲା । ସେତିକିବେଳେ ମହାତ୍ମା ଗାନ୍ଧି ଇନ୍ଦିରାଜୀଙ୍କୁ ଦଙ୍ଗାଗ୍ରସ୍ତ ଅଞ୍ଚଳକୁ ପଠାଇଲେ । ନିର୍ଭୀକ ଇନ୍ଦିରା ଦଙ୍ଗାପ୍ରବଣ ଇଲାକାରେ ପହଞ୍ଚି ଲୋକମାନଙ୍କୁ ବୁଝାଇ ଶାନ୍ତ କରାଇଥିଲେ । ବିଭାଜନ ସମୟରେ ଆନନ୍ଦ ଭବନରେ ବନ୍ଦୋବସ୍ତ ହୋଇଥିବା ଶରଣାର୍ଥୀ ଶିବିରର ଦେଖାରଖା ଦାୟିତ୍ୱ ଇନ୍ଦିରାଙ୍କ ଉପରେ ଥିଲା । ୧୯୬୬ରୁ ୧୯୭୭ ଭିତରେ ଇନ୍ଦିରା ତିନିଥର ପ୍ରଧାନମନ୍ତ୍ରୀ ହୋଇଥିଲେ । ପରେ ୧୯୮୦-୮୪ ପର୍ଯ୍ୟନ୍ତ ଚତୁର୍ଥ ଥର ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟ ଭାର ସମ୍ଭାଳିଥିଲେ । ତାଙ୍କ ଶାସନ କାଳରେ ଦେଶର ଆର୍ଥିକ ଅବ୍ୟବସ୍ଥା, ଆଭ୍ୟନ୍ତରୀଣ କନ୍ଦଳ, କଂଗ୍ରେସ ବିଭାଜନ, ଆର୍ଥିକ ସୁଧାର କାର୍ଯ୍ୟକ୍ରମ, ପାକିସ୍ତାନ ସହ ଯୁଦ୍ଧ ପରି ବହୁ ସମସ୍ୟା ମୁଣ୍ଡ ଟେକିଥିଲା । ସବୁ ସମସ୍ୟାକୁ ସାହସର ସହ ମୁକାବିଲା କରି ସେ ଲୌହମାନବୀ ମାନ୍ୟତା ପାଇଥିଲେ ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,

ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩


# ଗାନ୍ଧିଜୀଙ୍କ ଓଡ଼ିଶା ସ୍ମୃତି : ବେରବୋଇରେ ସାତ ଦିନ

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ମହାତ୍ମା ଗାନ୍ଧୀଙ୍କ ଡାକରାରେ ଦେଶର ଅଗଣିତ ଜନତା ଯେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ତାହାର ବହୁ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ । ଏହି ମୁକ୍ତି ଆନ୍ଦୋଳନରେ ଓଡ଼ିଶାରେ ଅବଦାନ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ । ୧୮୧୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାବେ ମୁଣ୍ଡ ଟେକିଥିଲା ଓଡ଼ିଶାର ପାଇକ ବିଦ୍ରୋହ । ଚଳିତ ବର୍ଷ ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ଇତିମଧ୍ୟରେ ଓଡ଼ିଶାରେ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଆଗମନର ଶହେବର୍ଷ ପୂର୍ତ୍ତି ପାଳିତ ହୋଇସାରିଛି । ଓଡ଼ିଶାକୁ ଗାନ୍ଧିଜୀ ଅନେକ ଭଲ ପାଉଥିଲେ । ଏଠାରେ ତାଙ୍କର ସ୍ମୃତି ଚିରଦିନ ପାଇଁ ସ୍ମରଣୀୟ ହୋଇରହିବ । ଦେଶବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପରଖିବା ସହ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଜାତୀୟତା ପ୍ରତି ସୁପ୍ତ ଚେତନାକୁ ଜାଗ୍ରତ କରିବାର ଆଭିମୁଖ୍ୟ ନେଇ ଦେଶର ବିଭିନ୍ନ ଭାଗ ଗସ୍ତ କରିଥିଲେ ମହାତ୍ମା ଗାନ୍ଧୀ । ଓଡ଼ିଶାକୁ ଆସିଥିଲେ ଆଠଥର, ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ପୁରୀ ଜିଲ୍ଲାର ଡେଲାଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ । ୧୯୩୮ ମାର୍ଚ୍ଚ ୨୫ରୁ ୩୧ ସେହି ସାତ ଦିନ ରାଜ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । କର୍ଣ୍ଣାଟକର ହୁଦଲି ଠାରେ ଆୟୋଜିତ ଗାନ୍ଧୀ ସେବା ସଂଘର ତୃତୀୟ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଓଡ଼ିଶାର ପ୍ରତିନିଧି ଗୋପବନ୍ଧୁ ଚୌଧୁରୀ, କୃପାସିନ୍ଧୁ ହୋତା, ଆଚାର୍ଯ୍ୟ ହରିହର, ରମା ଦେବୀଙ୍କ ପ୍ରସ୍ତାବକ୍ରମେ ସ୍ଥିରୀକୃତ ହେଲା ଯେ ଏହାର ଚତୁର୍ଥ ବାର୍ଷିକ ସମ୍ମିଳନୀ ଓଡ଼ିଶାରେ ହିଁ ହେବ । ଶେଷରେ ରାଜ୍ୟର ପ୍ରତିନିଧିମାନେ ବେରବୋଇ ଠାରେ ଚତୁର୍ଥ ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ନେଲେ । ୧୯୩୮ ମାର୍ଚ୍ଚ ୨୫ରୁ ୩୧ ଯାଏ ବେରବୋଇ ଠାରେ ଏହି ଐତିହାସିକ ଆୟୋଜନ ହୋଇଥିଲା । ଏହି ସମ୍ମିଳନୀକୁ ଗାନ୍ଧୀ ସଭା କୁହାଯାଉଥିଲା । ଗାନ୍ଧୀ ଆଠଥର ଓଡ଼ିଶାକୁ ଆସିଥିଲେ ଏବଂ ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ବେରବୋଇ ଗ୍ରାମରେ । ଏହି ସମୟରେ ସ୍ଥାନୀୟ ଲୋକମାନଙ୍କ ପ୍ରୟାସରେ ଆୟୋଜନ କରାଯାଇଥିଲା ହସ୍ତଶିଳ୍ପ ଓ ତନ୍ତ ମେଳା । ବେରବୋଇ ସମ୍ମିଳନୀର ଆୟୋଜନ ପାଇଁ ବର୍ଷ ତମାମ ପ୍ରସ୍ତୁତି ଚାଲିଥିଲା । କୃପାସିନ୍ଧୁ ହୋତା, ବିନୋଦ କାନୁନ୍‌ଗୋ, ରମାଦେବୀ, ମନମୋହନ ଚୌଧୁରୀ ପ୍ରମୁଖ ପ୍ରସ୍ତୁତିରେ ଲାଗି ପଡ଼ିଥିଲେ । ଏହି ଅଧିବେଶନରେ ଯୋଗ ଦେବାକୁ ଥିବା ପ୍ରତିନିଧିମାନଙ୍କ ପାଇଁ ସେଠାରେ ରହଣି ଓ ଖାଦ୍ୟପେୟର ବ୍ୟବସ୍ଥା କରାଗଲା । ଏହି ଅଧିବେଶନରେ ୧୦ ମାଇଲ ପରିଧି ଭିତରେ ଚାଷ କରାଯାଇଥିବା ପନିପରିବା ଖାଦ୍ୟ ସାମଗ୍ରୀ ବ୍ୟବହୃତ ହେବ ବୋଲି ନିଷ୍ପତ୍ତି ନିଆଗଲା । ସେଥିପାଇଁ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ ପନିପରିବା ଚାଷ ଓ ଗୋପାଳନ କରିବାକୁ କୁହାଗଲା । ସେତେବେଳେ ଡେଲାଙ୍ଗ ଷ୍ଟେସନରେ ଏକ୍ସପ୍ରେସ୍ ରହଣିର ସୁବିଧା ନଥିଲା । ମାତ୍ର ଇଂରେଜ ଶାସନାଧୀନ ବେଙ୍ଗଲ-ନାଗପୁର ରେଲୱେ (ବିଏନ୍‌ଆର) ଗାନ୍ଧିଜୀଙ୍କ ସମ୍ମାନାର୍ଥେ ଏହାର ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ । ୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖରେ ସକାଳ ସାତଟାରେ ହାଓ୍ୱଡ଼ା-ପୁରୀ ଟ୍ରେନ୍‌ରେ ଗାନ୍ଧିଜୀ ଆସି ପହଞ୍ଚିଥିଲେ । ରେଳବାଇ କର୍ତ୍ତୃପକ୍ଷ ବେରବୋଇ ଗାଁ ମଝିରେ ଏକ ଅସ୍ଥାୟୀ ରେଳଷ୍ଟେସନ କରିବା ସହ ସେଠାରେ କାଠ ଓ ବାଉଁଶରେ ପାହାଚ ତିଆରି କରିଥିଲେ । ତାଙ୍କ ସାଥିରେ ଥିଲେ ତାଙ୍କ ସହଧର୍ମିଣୀ କସ୍ତୁରବା, ପୁତ୍ର ମଣିଲାଲ, ପୁତ୍ରବଧୂ ସୁଶୀଳା, ନାତି ଅରୁଣ । କଂଗ୍ରେସର ବହୁ ଶୀର୍ଷସ୍ତରୀୟ ନେତା - ଗାନ୍ଧୀ ସେବା ସଂଘର ସଭାପତି କିଶୋରଲାଲ ମସରୁୱାଲା, ଡ.ପ୍ରଫୁଲ୍ଲ ଚନ୍ଦ୍ର ଘୋଷ, ଡ. ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଆଚାର୍ଯ୍ୟ କୃପାଳିନୀ, ଗଙ୍ଗାଧର ରାଓ ଦେଶପାଣ୍ଡେ, ମୌଲାନା ଅବୁଲ କଲାମ ଆଜାଦ, ଗୋବିନ୍ଦ ବଲ୍ଲଭ ଭାଇ, କ୍ଷୀତିଶ ରାୟ ଚୌଧୁରୀ, ହୃଦୟନାଥ କୁଂଜୁର, ଯମୁନାଲାଲ ବଜାଜ୍, ରାମ ରତନ ଶର୍ମା, ଆନ୍ନା ସାହେବ, ସହସ୍ର ବୁଦ୍ଧେ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ସମସ୍ତ ନିକଟସ୍ଥ ବ୍ରହ୍ମେଶ୍ୱର ପୋଖରୀରେ ସ୍ନାନ କରିବା ପରେ ଉଦ୍‌ଘାଟନୀ ସଭାରେ ଯୋଗ ଦେଇଥିଲେ । ଗାନ୍ଧୀ ଓ ଅନ୍ୟ ପ୍ରତିନିଧି ମାନଙ୍କ ସାତ ଦିନ (ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ) ଧରି ରହଣି ପାଇଁ ବ୍ରହ୍ମେଶ୍ୱର ପୋଖରୀ ହୁଡ଼ାରେ ନିର୍ମିତ ଅସ୍ଥାୟୀ ନଡ଼ା ଛପର ଚାଳ ଘରର ବ୍ୟବସ୍ଥା କରାଯାଇଥିଲା । ବେରବୋଇ ସମ୍ମିଳନୀରେ ଶହ ଶହ ପୁରୁଷ ଓ ମହିଳା ଗାନ୍ଧିଜୀଙ୍କ ସାନିଧ୍ୟ ପାଇ ନିଜକୁ ଧନ୍ୟ ମଣିଥିଲେ । ଗାନ୍ଧୀ ସେବା ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀକୁ ଗାନ୍ଧୀ ଉଦ୍‌ଘାଟନ କରିଥିଲେ ଏବଂ ପତାକା ଉତ୍ତୋଳନ କରିଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ । ପ୍ରାୟ ୭୦ ହଜାର ଲୋକ ସଭାରେ ଉପସ୍ଥିତ ଥିଲେ ଏବଂ ସମସ୍ତେ ଏଥିପାଇଁ ଦୁଇ ପଇସା ଲେଖାଏଁ ଦେଇ ଟିକେଟ କିଣିଥିଲେ । ଏହି ଅବସରରେ ଭାଷଣ ଦେଇ ଗାନ୍ଧୀ କହିଥିଲେ ଯେ ଓଡ଼ିଶାର ଦୁଇଟି ଶତ୍ରୁ ହେଲା ନିଶା ଓ ଆଳସ୍ୟପରାୟଣତା । ଏହା ତ୍ୟାଗ କଲେ ଓଡ଼ିଶା ଅଚିରେ ଏକ ଉନ୍ନତ ରାଜ୍ୟ ହୋଇପାରିବ ।

ଆଜି ପବିତ୍ର ୭୮ତମ ସ୍ୱାଧୀନତା ଦିବସ ଅବସରରେ ମନେପଡୁଛି ୧୯୨୮ ମସିହାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିବା ପ୍ରଖ୍ୟାତ ସଂଗ୍ରାମୀ ବାଞ୍ଛାନିଧି ମହାନ୍ତି ଗାଇଥିଲେ - ‘କହ କହ କେଉଁ ଜାତି ପାଇଛି ମୁକତି, କରି ହୁରି ହାରି ଗୁହାରି, କହ ପାଇଛି କିଏ ସୁଖ ଲିଭାଇଛି ଦୁଃଖ, ମାଗି ମାଗି ପଥ ଭିକାରୀ’ । ଏହାସହ ସ୍ୱାଧୀନ ଭାରତକୁ ନେଇ ତାଙ୍କର ହୃଦୟସ୍ପର୍ଶୀ ଗୀତଟି ଥିଲା - ‘ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ, ଗାଏ ସାଗର ଭୂଧର ଅମ୍ବର ଚୁମ୍ବିତ, ଭାଇ ହିମାଚଳ ଗିରିବର କମ୍ପିତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ’ ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ଦେଶ ପ୍ରେମରେ ଓଡ଼ିଆ ସିନେମା

**॥ ସତ୍ୟ ମହାପାତ୍ର ॥**

ଆଜି ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି । ଏହି କ୍ରମରେ ଆମ ସାଧାରଣ ଜୀବନରେ ପ୍ରାୟତଃ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିବା ସିନେମାରେ ମଧ ଦେଶ ପ୍ରେମ ଓ ଦେଶାତ୍ମବୋଧକ ଗୀତର ମାଧୁର୍ଯ୍ୟ ପ୍ରେରଣା ଯୋଗାଇଛି । ଅନେକ ଗୀତରେ ମାତୃଭୂମିର ଜୟଗାନ ସହ ଅନ୍ୟାୟ, ଦୁର୍ନୀତି, ଅନୀତି ଓ ଶୋଷଣ ବିରୁଦ୍ଧରେ ବିପ୍ଳବର ସ୍ୱର ବି ଶୁଭିଛି । ସାମାଜିକ ଜୀବନ ସହ ଜନ ଜାଗରଣର ବାର୍ତ୍ତା ଦେଇଥିବା କିଛି କାଳଜୟୀ ଓଡ଼ିଆ ସିନେମା ସଂଗୀତ ସମ୍ପର୍କରେ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଆଲୋଚନାଟି ରଖୁଛୁ ।

ଓଡ଼ିଆ ସିନେମାରେ ଦେଶାତ୍ମବୋଧ ବା ଦେଶପ୍ରେମର ଭାବନା ଖୋଜିଲାବେଳକୁ ସର୍ବପ୍ରଥମେ ୧୯୬୮ ମସିହାରେ ରିଲିଜ ହୋଇଥିବା ସେ ସମୟର ଲୋକପ୍ରିୟ ସିନେମା ‘ସ୍ତ୍ରୀ’ ଆସୁଛି । ଏହି ଚଳଚ୍ଚିତ୍ରର ଗଙ୍ଗା ଯେ ଦେଶେ ବହେ, ଯମୁନା ଯେ ଦେଶେ ବହେ..... ଏହି କାଳଜୟୀ ହୃଦୟସ୍ପର୍ଶୀ ଓ ଚେତନାଦାୟୀ ସଂଗୀତକୁ ଲେଖିଥିଲେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଅକ୍ଷୟ ମହାନ୍ତି । ତେବେ ନିର୍ମଳା ମିଶ୍ରଙ୍କ ସମେତ ଅନ୍ୟ ପାର୍ଶ୍ୱ କଣ୍ଠଶିଳ୍ପୀଙ୍କ ଏହି ସଂଗୀତରେ ସୁବିଖ୍ୟାତ ଅଭିନେତ୍ରୀ ପାର୍ବତୀ ଘୋଷ ଅଭିନୟ କରିଛନ୍ତି । ତେବେ ପରବର୍ତ୍ତୀ ସମୟରେ ଅନେକ ସଂଗୀତ ଗୁଡ଼ିକ ଦେଶାତ୍ମବୋଧକୁ ନେଇ ତିଆରି ହୋଇଛି । ମନେପକାନ୍ତୁ ସେ ସମୟର ପ୍ରିୟ ଚଳଚ୍ଚିତ୍ର ‘ସ୍କୁଲ ମାଷ୍ଟର’ । କାଳଜୟୀ ସଂଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସଂଗୀତ ନିର୍ଦ୍ଦେଶନାରେ ମନଛୁଆଁ ଗୀତଟି ଥିଲା ‘ଦେ ରେ ସାଥୀ ଦେ’ ଯାହାକୁ ଗାଇଥିଲେ ସିପ୍ରା ବୋଷ । ସେହିପରି ସେ ସମୟର ବ୍ୟସ୍ତତମ ଲୋକପ୍ରିୟ ଓଡ଼ିଆ ସିନେ ତାରକା ଶ୍ରୀରାମ ପଣ୍ଡାଙ୍କ ‘ଧରିତ୍ରୀ’ ସିନେମାରେ ଏକ ହୃଦୟ ଝଙ୍କୃତ କଲାପରି ଗୀତଟି ରହିଥିଲା ତାହା ଥିଲା ‘ସ୍ୱର୍ଗାଦପି ଗରୀୟସୀ, ଜନନୀ ମା’ ଧରିତ୍ରୀ...’ । ପରବର୍ତ୍ତୀ ସମୟରେ ଦେଶାତ୍ମ ଭାବନା ଭିତରେ ଶ୍ରୋତା ଓ ଦର୍ଶକଙ୍କୁ ବାନ୍ଧି ରଖିବା ପରି ସିନେମା ଆସିଥିଲା ‘ଭାଇ-ଭାଉଜ’ । ଏହି ସିନେମାର ‘ଜନ୍ମ ମାଟି ପଲ୍ଲୀ ଡାକେ....’ ଗୀତଟି ହୃଦୟକୁ ଛୁଇଁଲା ପରି । ତେବେ ଠିକ ଏହା ପଛକୁ ଆସିଥିଲା ଓଡ଼ିଆ ସିନେମା ‘ଅଦିନ ମେଘ’ । ଏହାର ‘ଏଇ ଆମରି ଗାଁ...’ ଗୀତଟି ତିଆରି କରିଥିଲେ ସଂଗୀତ ସୁଧାକର ବାଳକୃଷ୍ଣ ଦାଶ ।

ତେବେ ଓଡ଼ିଆ ସିନେମାର ସବୁଠାରୁ ଆଲୋଡ଼ନକାରୀ ହୃଦୟସ୍ପର୍ଶୀ ଦେଶପ୍ରେମ ଭିତ୍ତିକ ଗୀତଟି ଥିଲା ‘ବହି ଯାଏରେ ଗଙ୍ଗା ଉଡ଼େ ତ୍ରିରଙ୍ଗା...’ । ୧୯୭୯ ମସିହାର ସୁପରହିଟ୍ ‘ବଳୀଦାନ’ ସିନେମାରେ ଏହାକୁ ନିଜେ ଲେଖିବା ସହ କଣ୍ଠ ଦେଇଥିଲେ ପ୍ରଫୁଲ୍ଲକର । ମହମ୍ମଦ ମହସିନଙ୍କ ଉପରେ ଚିତ୍ରିତ ହୋଇଥିବା ଏହି ସିନେମାଟି ଏଯାବତ୍ ହିଟ ପର୍ଯ୍ୟାୟରେ ରହିଛି । ପରବର୍ତ୍ତୀ ସମୟରେ ଓଡ଼ିଆ ସିନେମା ‘କଳିଙ୍ଗପୁତ୍ର’ର ଦେଶପ୍ରେମ ଭିତ୍ତିକ ଗୀତଟି ଥିଲା ‘ଯଉ ଦେଶେ ସତ୍ୟ ପାଇଁ ଗାନ୍ଧୀ ଗୁଳି ଖାଏ.....’ । ତେବେ ଅଶି ଶତକର ସବୁଠାରୁ ଓଡ଼ିଆ ସିନେମାରେ ବକ୍ସ ହିଟ ସାବ୍ୟସ୍ତ ହୋଇଥିବା ସିନେମାଟି ଥିଲା ‘ଲାଲପାନ ବିବି’ ଓ ‘ପକା କମ୍ବଳ ପୋତ ଛତା’ । ପ୍ରଥମ ସିନେମାର ‘ଏ ଦୁନିଆ ମାଟି ହାଣ୍ଡି....’ ଓ ଦ୍ୱିତୀୟ ଅର୍ଥାତ ପକା କମ୍ବଳ ପୋତ ଛତା ସିନେମାର ‘ସତ କହି ପାଏ ପଛେ ଫାଶୀ ଓ ଲଙ୍ଗଳା ଫକୀରର ଆମେରେ ସନ୍ତାନ’ ଗୀତଟି ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଥିଲା । ୨୦୦୬ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର ‘ଆଇ ଲଭ ମାଇଁ ଇଣ୍ଡିଆ’ । ବର୍ତ୍ତମାନ ସମୟର ହିଟ ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ସିନେମାରେ କଣ୍ଠଦାନ କରିଥିଲେ ବିଖ୍ୟାତ କଣ୍ଠଶିଳ୍ପୀ ଇରା ମହାନ୍ତି ଓ କୁମାର ବାପି । ସେହିପରି ୨୦୦୮ରେ ମକ୍ତିଲାଭ କରିଥିବା ‘ବନ୍ଦେ ଉତ୍କଳ ଜନନୀ’ ଓ ୨୦୧୮ରେ ରିଲିଜ ହୋଇଥିବା ‘ପ୍ରେମ କୁମାର’ ସିନେମାରେ ଦେଶାତ୍ମ ଭାବନାର ବାସ୍ନା ଭରି ରହିଥିଲା । ତେବେ ୨୦୧୯ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର ‘ବିଜୁବାବୁ’ । ସେହିପରି ୨୦୨୧ର ସିନେମା ‘ଶହୀଦ ରଘୁ ସର୍କାର’ ମଧ ଦେଶ ଭାବନାର ବାର୍ତ୍ତା ଭିତ୍ତିକ ସଂଗୀତକୁ ପରିସ୍ଫୁଟିତ କରିଥିଲା । ସେହିଭଳି ଏହି ବର୍ଷ ବଜାରକୁ ଆସିଥିବା ଓଡ଼ିଆ ଚଳଚ୍ଚିତ୍ର ‘ଅପରେସନ-୧୨ /୧୭’ର ଗୀତଟି ମଧ ଦେଶାତ୍ମବୋଧକ ଭାବନାକୁ ନେଇ । ଏହାର ‘ଡାକୁଛି ତ୍ରିରଙ୍ଗା, ଡାକୁଛି ଗଙ୍ଗା’ ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଛି । ସ୍ୱାଧୀନତା ସଂଗ୍ରାମର ଆଲୋଚନା କଲାବେଳକୁ ଦେଶପ୍ରେମ ଭାବନାର ଏହି ହୃଦୟସ୍ପର୍ଶୀ ସିନେ ସଂଗୀତ ବିଶେଷକରି ଆମ ଯୁବପିଢ଼ିଙ୍କୁ ଦେଶପ୍ରେତି ସେବା ଭାବନାର ଉତ୍ସର୍ଗୀକୃତ ପ୍ରେରଣା ଯୋଗାଇଥାଏ ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ‘ସତ୍ୟାଳୟ’ ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨

## ବାପ-ପୁଅ ସାଜିଛନ୍ତି ଏଷ୍ଟି-ଏସସି ଜମି ଲୁଣ୍ଠନର କାର୍ପେଟାଦାର !

# ୧୯ ରୁ ୨୧ ମସିହାରେ ଜଣଙ୍କୁ କେମିତି ମିଳିଲା କିଣାବିକାର ଏତେ ଅନୁମତି ?

**ଜୁନାଗଡ଼,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଟସ୍ଥଳୀ ସହ ଏକ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ସହର ।ଜାତୀୟ ରାଜପଥ ଓ ରେଳପଥ ସଂଯୋଗ ହୋଇ ଅନ୍ତରାଜ୍ୟ ପାଇଁ ଯୋଗାଯୋଗ ବ୍ୟବସ୍ଥା ସଠିକ ଥିବାରୁ ଏହି ସହର ସମେତ ଆଖପାଖ ଅଞ୍ଚଳର ଜମି ମୂଲ୍ୟ ଜିଲ୍ଲାରେ ସର୍ବାଧିକ ।ଏହାକୁ ଆଧାର କରି ଜୁନାଗଡର ଜୈନିକ ଅଗ୍ରୱାଲ ସଙ୍ଗିଆ ଧାରୀ ଜମି ମାଫିଆ ସତୁରୀରୁ ଉର୍ଦ୍ଧ ପ୍ଲଟ କିଣିଥିବା ଜଣାଯାଏ ।୨୦୧୯ ରୁ ୨୦୨୧ ମଧ୍ୟରେ ଜୈନିକ ଅଧିକାରୀଙ୍କୁ ହାତ ବାରିସୀ କରି କେମିତି ନିଜେ ଓ ନିଜ ବାପାଙ୍କ ନାମରେ ଏକଡ଼ ଏକଡ଼ ଜମି କ୍ରୟ ଅନୁମତି ପାଇଲେ ତଦନ୍ତ ସାପେକ୍ଷ ।କଏଥିରୁ ଅଧିକାଂଶ ପ୍ଲଟ ଧାରା ୨୨(କ) ରେ ପରମିଶନ କରିଛି, ଯହିଁରୁ ଅନ୍ୟୁନ୍ୟ ତିରିଶ ପ୍ଲଟ,ଉପଜିଲ୍ଲାପାଳ




ଙ୍କ ଜାଲ ଦସ୍ତଖତ ଓ ନିଜଦ୍ୱାରା ପ୍ରସ୍ତୁତ ଜାଲ ସିଲମୋହର ବ୍ୟବହାର କରି ଜାଲିଆତି କରିଥିବା ଆଲୋଚନା ଏବେ ସହର ମଧ୍ୟରେ ଚାଲିଛି ।ଅନେକ ମୃତ୍ୟୁ ପରମ ପତ୍ର, ନ୍ୟାୟିକ ଉତ୍ତରାଧିକାରୀ ପ୍ରମାଣପତ୍ରନିଜେ ଜାଲିଆତି କରି ତିଆରି କରୁଥିବା ଶୁଣାଯାଏ ।ଜୁନାଗଡ଼ ସହରର ହିଂଜିଲିବାହିଲି, ବନମାଳିପୁର, ଅଂଲାଭଟା, କୁରୁଗୁଡା, ଭାଇରିଗୁଡା ପଳାସ ଆଦି ଅଂଚଳର ବହୁ ମୂଲ୍ୟବାନ ଜମିକୁ ନିଜେ କିମ୍ବା ନିଜ ହାତବାରିସୀ ସାଜିଥିବା ଅନୁସୂଚିତ ଜାତି ଓ ଜନଜାତି ଅନୁଗତଙ୍କ ନାମରେ କିଣି, କୋଟି କୋଟି ଟଙ୍କାରେ ବିକ୍ରି କରୁଛନ୍ତି ।ଚତୁରତାର ସହ ହିଂଜିଲିବାହିଲିର ଏ ୦.୩୮ ଡି, ଭାଇରିଗୁଡା ର ଏ ୧.୫୮ ଡ଼ି ଜମିକୁ ଜୈନିକ ମାଫିଆ ନିଜ ଓ ନିଜ ବାପାଙ୍କ ନାମରେ କରିଛନ୍ତି ।ବାରମ୍ବାର ନିଜ ଅନୁଗତଙ୍କ ନାମରେ ଅନେକ ଅନୁମତି ନିର୍ଦ୍ଧାରିତ ଜମିକୁ କିପରି ନିଜ ଓ ନିଜ ଅନୁଗତ ମାନଙ୍କ ଦ୍ୱାର କିପରି କିଣୁଛି ତାହା ତଦନ୍ତ ସାପେକ୍ଷ ।ବିଗତ ଦିନରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଜମି ହଡପ ବିଷୟ ଗଣମାଧ୍ୟମରେ ବିସ୍ତୃତ ଭାବରେ ପ୍ରକାଶ ପାଇଥିବା ଯୋଗୁଁ ପ୍ରଶାସନର ଦୃଷ୍ଟିକୁ ଆସିଛି ଓ ଏହାର ବିଧିବଦ୍ଧ ତଦନ୍ତ କରାଗଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଅନେକ ବେଆଇନ କାର୍ଯ୍ୟକଳାପ ସମାନକୁ ଆସି ସେ ଆଇନ ଦ୍ୱାରା ବନ୍ଧାହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ।ପରିବର୍ତନ ସରକାରଙ୍କ ପଦକ୍ଷେପ ସ୍ୱରୂପ ଏକ ଆରଡିସି ସ୍ତରୀୟ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ବେସରକାରୀ ମେଡିସିନ ପ୍ରତିନିଧିଙ୍କ ପାଇଁ ବଢୁଛି ସମସ୍ୟା

**ଅସ୍ତରଙ୍ଗ,(ମହାଭାରତ) :** ରାଜ୍ୟ ରେ ଲୋକଙ୍କୁ ଉତ୍ତମ ଓ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାର ନିରାମୟ ବ୍ୟବସ୍ଥା କରିଥିବା ସତେ ପ୍ରତ୍ୟେକ ଦିନ ଗ୍ରାମାଞ୍ଚଳ ର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଳମାଳ ବେସରକାରୀ ମେଡ଼ିସିନ କମ୍ପାନୀ ର ପ୍ରତିନିଧି ମାନେ କରୁଛନ୍ତି ଗହଳି, ତାଙ୍କ ପାଇଁ ସୃଷ୍ଟି ହେଉଛି ଅନେକ ସମସ୍ୟା, ଆମେ ଯଦି କହିବା ଅସ୍ତରଙ୍ଗ ମୁଖ୍ୟ ବଜାରରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରତ୍ୟେକ ଦିନ ମାଳ ମାଳ ମେଡ଼ିସିନ ପ୍ରତିନିଧି ମାନେ ଆସି ଅନେକ ସମସ୍ୟା ସୃଷ୍ଟି କରୁଛନ୍ତି, ବିଭିନ୍ନ ନାମୀଦାମୀ କମ୍ପାନୀର ପ୍ରତିନିଧି ଆସି ଡାକ୍ତର ଙ୍କ ପାଖରେ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା ରେ ଲିପ୍ତ ରହିବା କାରଣ ରୁ ବାହାରେ ଉପସ୍ଥିତ ରୋଗୀ ମାନେ ଅନେକ ସମସ୍ୟା ରେ ପଡୁଛନ୍ତି, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ନିର୍ଭର କରୁଛନ୍ତି, ପ୍ରତ୍ୟେକ ଦିନ ଛୋଟ ପିଲାଙ୍କଠୁ ଆରମ୍ଭ କରି ବୟସ୍କ



ପର୍ଯ୍ୟନ୍ତ ରୋଗୀ ଆସୁଥିବା ବେଳେ ଡାକ୍ତର ମାନେ ନିରାମୟ ଔଷଧ ବଦଳରେ ପ୍ରେସ୍କ୍ରିପସନ ରେ ବାହାର କମ୍ପାନୀ ର ଔଷଧ ଲେଖୁଛନ୍ତି, କୌଣସି ଘା, ଅତ୍ୟଧିକ ସଂକ୍ରମଣ କାରଣ ରୁ ଥଣ୍ଡା କି ଜ୍ୱର ହେଲେ ପାରାସେଟାମଲ ଟାବଲେଟ, ମଣ୍ଟେକ ହାଇଡ୍ରୋକ୍ଲୋରାଇଡ, ପୋଟାସିୟମ କାଲଭୁନେଟ ଭଳି ଆଣ୍ଟି ବୟୋଟିକ ଔଷଧ ଯାହା ବିଭିନ୍ନ କମ୍ପାନୀ ର ନାମୀ ଦାମୀ ଔଷଧ, ଏହି ରୋଗ ପାଇଁ ନିରାମୟ ରେ ମହଜୁଦ ଔଷଧ ଥିବା ବେଳେ ଡାକ୍ତର ମାନେ ବାହାର କମ୍ପାନୀକୁ କାହିଁ ଚିଠା କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି, ସୂଚନା ମୁତାବକ ଦାମୀ କମ୍ପାନୀ ର ଆଣ୍ଟିବୟୋଟିକ ମେଡ଼ିସିନ ଗୋଟେ ଷ୍ଟ୍ରିପ କୁ ପାଖାପାଖି ୫୦୦/- ଟଙ୍କା ପଡୁଛି, ଏହିଭଳି ଅନେକ କମ୍ପାନୀ ର ଦାମୀ ଦାମୀ ଔଷଧ ଯାହା ଗରିବ, ଚାଷୀ ମଜୁରିଆ ପରିବାର କିଣିବା ସମ୍ଭବ ହେଉନଥିବା ବେଳେ ସେମାନେ ନିରାମୟ ଉପରେ ନିର୍ଭର କରୁଛନ୍ତି । କିନ୍ତୁ ଡାକ୍ତରଙ୍କ ଚିଠା ଧରି ନିରାମୟ ଆଗରେ ଛିଡା ହେବା ପରେ ସେଠୁ ଖବର ଆସୁଛି କିଛି ଟା ଅଛି ଆଉ ଅନ୍ୟ ଔଷଧ ବାହାରୁ କିଣିବା ପାଇଁ ଡାକ୍ତର ଲେଖିଛନ୍ତି, ମେଡିକାଲ ପରିସରରେ ଲାଗିଥିବା ନିରାମୟ ଖସଡ଼ା ରେ ପ୍ରାୟତଃ ୯୦ ପ୍ରକାର ଔଷଧ ଆସିବା କଥା, ସେଥି ମଧ୍ୟରୁ ରହିଛି ଟାବଲେଟ, କ୍ୟାପିଶୁଲ, ଇଞ୍ଜେକ୍ସନ, ଲିକୁଡି ଓ ମଲମ, କିନ୍ତୁ ଅନେକ ସମୟ ରେ ମେଡିକାଲ କର୍ତ୍ତୃପକ୍ଷ ଙ୍କ କହିବା କଥା ମରା ଯାଇଥିବା ତାଲିକା ଅନୁସାରେ ସବୁ ପ୍ରକାର ଔଷଧ ଏଠି ଆସୁନାହିଁ, ସେଥିପାଇଁ କିଛି ଔଷଧ ବାହାରୁ ଲେଖା ଯାଉଛି, ତାହେଲେ ନିରାମୟ ତାଲିକା ରେ ସରକାରଙ୍କ ଏତେ ପ୍ରକାର ଔଷଧ ର ତାଲିକା କାହିଁକି ମରାଯାଇଛି ତାହା ବର୍ତ୍ତମାନ ସନ୍ଦେହ ଚକ୍ଷୁ ରେ ଅଛି, ଏସବୁ ସତେ ଡ୍ୟୁଟି ସମୟ ରେ କଣ ପାଇଁ ବେସରକାରୀ ମେଡ଼ିସିନ କମ୍ପାନୀ ର ପ୍ରତିନିଧି ମାନେ ଡାକ୍ତର ଙ୍କ ଓପିଡି ସେକ୍ସନ ଭିତରେ ପଶି ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା ରେ ରହୁଛନ୍ତି ତାହା ମଧ୍ୟ ଏକ ପ୍ରକାର ବୃହତ ସମସ୍ୟା ସାଧାରଣ ରୋଗୀ ଙ୍କ ଭିତରେ ସୃଷ୍ଟି ହେଉଛି, ଏସବୁକୁ ଦୃଷ୍ଟି ରେ ରଖି ଅସ୍ତରଙ୍ଗ ଅଞ୍ଚଳ ର ସମାଜସେବୀ ଦୁଷ୍ମନ୍ତ ପରିଡା ଅଭିଯୋଗ ଆଣିଛନ୍ତି ଯେ ଡ୍ୟୁଟି ସମୟ ରେ ବେସରକାରୀ ମେଡ଼ିସିନ ପ୍ରତିନିଧି ମାନଙ୍କୁ ଡାକ୍ତର ଙ୍କ ସହ ସାକ୍ଷାତ କରିବା କୁ ବନ୍ଦ କରାଯିବା ସହ, ଅଧିକରୁ ଅଧିକ ଔଷଧ ନିରାମୟ ରୁ ଲେଖାଯାଉ, ନଚେତ ଏ ବାବଦରେ ଜିଲ୍ଲା ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କୁ ଲିଖିତ ଆକାରରେ ଅଭିଯୋଗ କରାଯିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ଶୁଣାଣି ରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଏହି ପ୍ରସଙ୍ଗ କୁ ନେଇ ଅଭିଯୋଗ କରାଯିବ ।

# ପାଟଣାବ୍ଲକ ପକ୍ଷରୁ ନିଶାମୁକ୍ତି ଅଭିଯାନ ସଂକଳ୍ପ

**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପକ୍ଷ ରୁ ନିଶାମୁକ୍ତ ଭାରତ ଅଭିଯାନ ସକ୍ରିୟ ଓ ବ୍ୟାପକ ପ୍ରସାର କରେଇବା ଲକ୍ଷ୍ୟରେ ସଂକଳ୍ପ ପାଠ ଆୟୋଜିତ ହୋଇ ଛି । ପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ପାଟଣା ବିଡ଼ିଓ ଙ୍କ ଅଧକ୍ଷତାରେ ଓଡ଼ିଶା କୁ ନିଶାମୁକ୍ତ



ଶପଥ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ପାଟଣା ପଞ୍ଚାୟତ ସମିତି ଅଧକ୍ଷା ସୁକାନ୍ତି ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଶଙ୍କର ମୁର୍ମୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧ ମାଝୀ, ସେକ୍ସନ ଅଧିକାରୀ ଜୟକୃଷ୍ଣ ଜେନା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭେନ୍ଦୁ ମୋହନ ବଳ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରିଣୀ ରଶ୍ମିରେଖା ମହାନ୍ତି, ଯୋଗାଣ ଅଧିକାରିଣୀ ସୁନିତା ମାର୍ଣ୍ଡି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ, ବରିଷ୍ଠ ପ୍ରତିଷ୍ଠାନ ସହାୟକ ପ୍ରଭାତ କୁମାର ନାଥ ଓ ସ୍ୱଚ୍ଛ ଭାରତ ଅଭିଯାନର ବ୍ଲକ ସମ୍ବଳ ସଂଯୋଜକ ଜମାଲ ଖାନ ପ୍ରମୁଖ ସକ୍ରିୟ ଉପସ୍ଥିତ ରହି ଶପଥ ପାଠରେ ଅଂଶଗ୍ରହଣ କରିବା ସହ ଗ୍ରାମପଞ୍ଚାୟତ ସ୍ତରରୁ ନିଶାମୁକ୍ତି ଅଭିଯାନକୁ ଅଧିକରୁ ଅଧିକ କ୍ରିୟାଶୀଳ କରେଇବା ଅନୁରୋଧ କରିଥିଲେ ।

# ସାଇଁଶୋ ଗ୍ରାମ ପଞ୍ଚାୟତରେ ତ୍ରିରଙ୍ଗା ଯାତ୍ରା

**କଣ୍ଟାପଡ଼ା,(ମହାଭାରତ) :** ସ୍ୱାଧୀନତାର ୭୮ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜିଙ୍କର ଆହ୍ୱାନ କ୍ରମେ ସାରା ଦେଶରେ କୋଣ ଅନୁକୋଣରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେଉଛି । ଦେଶବ୍ୟାପୀ ହର ଘର ତିରଙ୍ଗା ଅଭିଯାନ ଅଗଷ୍ଟ ୯ ରୁ ୧୫ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଯାଇଛି । ଏହି ଅବସରରେ ବାରଙ୍ଗ ବ୍ଲକ ୩୩ ନଂ ଜୋନ୍ ସାଇଁଶୋ ପଞ୍ଚାୟତର ସରପଞ୍ଚ ସରୋଜ ମହାପାତ୍ର ଏବଂ ପଞ୍ଚାୟତ ଅଧିନରେ ଥିବା ଗବବସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଆଞ୍ଚଳିକ ବାଳିକା ବିଦ୍ୟାଳୟର ସମସ୍ତ ଛାତ୍ରୀ , ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟ ଓ ସଭ୍ୟା, ସ୍ୱଂୟ ସହାୟକ ଗୋଷ୍ଠୀର ସମସ୍ତ ସଭ୍ୟା ପ୍ରମୁଖ ଏହି ତ୍ରିରଙ୍ଗା ଯାତ୍ରା ଯୋଗ ଦେଇଥିଲେ। ଏହି ତ୍ରିରଙ୍ଗା ଯାତ୍ରା ସାଇଁଶୋ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ପହଞ୍ଚି ଭାରତ ମାତା କି ଜୟ ଓ ଜାତୀୟ ପତାକା କି ଜୟ ସ୍ଲୋଗାନ ସହ ଘରେ ଘରେ ତ୍ରିରଙ୍ଗା ଉଡ଼ାଇଥିଲେ। ଏହି ତ୍ରିରଙ୍ଗା ଯାତ୍ରା



କାର୍ଯ୍ୟକ୍ରମକୁ ପଞ୍ଚାୟତ ପି ଇ ଓ , ଗ୍ରବସ୍ତ ଉଚ୍ଚ ବିଦ୍ୟାଳୟ ଓ ଆଞ୍ଚଳିକ ବାଳିକା ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏହି ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମକୁ ବହୁତ୍ ସୁନ୍ଦର ଭାବେ ପରିଚାଳନା ସହ ଭାରତର ସ୍ୱାଧୀନତା ଦିବସ ଉପଲକ୍ଷେ ଜାତୀୟ ପତାକା ଉତ୍ତୋଳନ କରିବାକୁ ଲୋକଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଘରେ ଜାତୀୟ ପତାକା ଉତ୍ତୋଳନ କରି ଦେଶପ୍ରିତି ଜାଗ୍ରତ କରାଇବା ସମସ୍ତ ଲୋକଙ୍କୁ ଉତ୍ସାହିତ କରିବା ସମସ୍ତଙ୍କ ସହ ଆଲୋଚନା କରିଥିଲେ।

## ନୟାଗଡ଼ରେ ଯୋଗ ଦେଲେ ନୂତନ ଜିଲ୍ଲାପାଳ

**ନୟାଗଡ଼,(ମହାଭାରତ) :** ନୟାଗଡ଼ ଜିଲ୍ଲାରେ ଯୋଗଦାନ କରିଛନ୍ତି ନୂତନ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ।



ସେ ପୂର୍ବରୁ ସମ୍ବଲପୁରର ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ରାଜ୍ୟ ସରକାର ତାଙ୍କୁ ନୟାଗଡ଼ ଜିଲ୍ଲାପାଳ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏଠାରେ ପୂର୍ବରୁ କାର୍ଯ୍ୟରତ ଜିଲ୍ଲାପାଳ ସ୍ୱାଧାଦେବ ସିଂ ଙ୍କର ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ଯୋଗଦେବା ପରେ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ରୋଜିନା ଦାସ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ କରିଛନ୍ତି।

## ବସୁନ୍ଧରା ଯୋଜନାରେ ଗରିବ ବୃଦ୍ଧାଙ୍କୁ ଜମି ପଟ୍ଟା ପ୍ରଦାନ

**ବିଷମକଟକ, (ମହାଭାରତ) :** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଜାରିଡାଙ୍ଗ ପଂଚାୟତର ପଥର ଗଡ଼ ଗ୍ରାମର ସନାଇ ହିକକା ଙ୍କୁ ଆଜି ବସୁନ୍ଧର।



ଯୋଜନାରେ ବିଷମକଟକ ତହସିଲଦାର କେ ଭେଙ୍କଟଶ୍ୱର ରେଡି ଜମି ପଟ୍ଟା ପ୍ରଦାନ କରିଛନ୍ତି । ସୁନାଇ ହିକକା ଅତ୍ୟନ୍ତ ଗରିବ ଶ୍ରେଣୀର ବୃଦ୍ଧା ହୋଇଥିବାର ଖବର ତହସିଲଦାର ଙ୍କ ପାଖରେ ରହିଥିଲା। ତେଣୁ ତାଙ୍କୁ ଆଜି ବସୁନ୍ଧରା ଯୋଜନାରେ ବିଷମକଟକ ତହସିଲଦାର କେ ଭେଙ୍କଟଶ୍ୱର ରେଡି ଜମି ପଟ୍ଟା ପ୍ରଦାନ କରିଛନ୍ତି । ତହସିଲଦାରଙ୍କ ଏପରି କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

# ଅନ୍ତର୍ଜାତୀୟ ଯୁବ ଦିବସ ପାଳନ



**କପ୍ତିପଦା,(ମହାଭାରତ) :** କପ୍ତିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂଆସାହି ଠାରେ ଯୁବ ରେଡ କ୍ରସ ଓ ରେଡ ରିବନ୍ କ୍ଲବ୍ ସହଯୋଗ ରେ ଅନ୍ତର୍ଜାତୀୟ ଯୁବ ଦିବସ ୨୦୨୪ ପାଳିତ ହୋଇଯାଇଛି । ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଆୟୋଜିତ ସଭା କାର୍ଯ୍ୟ ରେ ବିଦ୍ୟାଳୟ ଅଧକ୍ଷ ଶ୍ରୀଯୁକ୍ତ ଶଙ୍କର୍ଷଣ ମିଶ୍ର ଙ୍କ ନେତୃତ୍ୱ ଓ ଯୁବ ରେଡ କ୍ରସ ମୁଖ୍ୟ ହରମୋହନ ଜେନାଙ୍କ ତତ୍ତ୍ୱାବଧାନରେ ସମ୍ୟକ୍ ଏବଂ ସାବଲୀଳ ଭାବରେ ଏଡ଼ସ ର ଭୟାବହତା ଓ ସୁରକ୍ଷିତ ରହିବାର ସଚେତନ ବାର୍ତ୍ତା ଯୁବ ପୀଢ଼ି ଙ୍କ ର ଉନ୍ନତି ପାଇଁ ପରିବେଷଣ କରିଛନ୍ତି। ଏହା ବ୍ୟତୀତ ବିଦ୍ୟାଳୟ ର ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଶ୍ରୀଯୁକ୍ତ ଅମ୍ବିକା ପ୍ରସାଦ ପୁଥାଳ ତାଙ୍କ ଅଭିଭାଷଣ ରେ ଏଚ ଆଇ ଭି ମହାମାରୀ ଭୁତାଣୁ ର ବିବର୍ତ୍ତନ, ସଙ୍କଟ ପୂର୍ଣ୍ଣ ସଞ୍ଚରଣ ଓ ତାର ପ୍ରତିରୋଧ ସହ ମୁକ୍ତ ରହିବାର ଉପାୟ ବର୍ଣ୍ଣନା କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ସର୍ବେଶ୍ୱର ବିଶ୍ୱାଳ ଛାତ୍ରଛାତ୍ରୀଙ୍କୁ ଧାରଣୀୟ ବିକାଶ ପ୍ରତି ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇ ଥିଲେ । ଦର୍ଶନ ଶାସ୍ତ୍ର ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି ନୈତିକତା ଓ ମାନବିକତା ମୂଲ୍ୟବୋଧ କୁ ଛାତ୍ରଛାତ୍ରୀ ମାନେ ଜୀବନ ଶୈଳୀ ରେ ଉପଯୋଗ କରିବାକୁ ଉଦବୋଧନ ଦେଇ ଥିଲେ । ଇଂରାଜୀ ଅଧ୍ୟାପକ ସନତ କୁମାର ପଣ୍ଡା ଶୃଙ୍ଖଳା ଓ ଶ୍ରଦ୍ଧା ଦ୍ୱାରା କିପରି ଜ୍ଞାନ ଆହରଣ ଏବଂ ଜରା ଯୌବନ ଶକ୍ତି ର ସହଯୋଗିତା ଦ୍ୱାରା ଯୁବକଗଣ ଉଦ୍ଧାମତାକୁ ଉନ୍ନତି ର ଇନ୍ଧନ କରିପାରିବେ ତାର ଗୂଢ ପ୍ରସଙ୍ଗ ବ୍ୟାଖ୍ୟା କରି ଥିଲେ । ଅଧ୍ୟାପିକା ସୋନାଲି ଦାଶ ଓ ଅଧ୍ୟାପିକା କବିତା ବେହେରା ଉପସ୍ଥିତ ରହି ଏଡ଼ସ ସମ୍ପର୍କିତ ସଚେତନ ବାର୍ତ୍ତା ପ୍ରଦାନ କରି ଥିଲେ ।

# ଜଳସେଚନ ଅଫିସରେ ମୁଖ୍ୟମନ୍ତ୍ରୀଙ୍କ ଚିଠିକୁ ଅଣଦେଖା

**ହାଟଡିହି,(ମହାଭାରତ) :** ବ୍ଲକର ସାଳନ୍ଦୀ କେନାଲ ପ୍ରୋଜେକ୍ଟ ରେ ଜଳ ସେଚନ କରୁଥିବା ଶାଳଣିଆ ଜଳସେଚନ ଅଫିସରେ ମୁଖ୍ୟମନ୍ତ୍ରୀ ଙ୍କ ଚିଠି କୁ ବେଖାତିର କରୁଥିବା ଦେଖିବାକୁ ମିଳୁଛି । ଯାହାକି କିଛି ଦିନ ପୂର୍ବରୁ ବର୍ଷା ଦିନ ରେ ପିଚ ପକାଇ ରାସ୍ତା ତିଆରି କରିଥିବା ବେଳେ ଏବେ ମୋ ସରକାର କକ୍ଷରେ ଗଞ୍ଜେଇ ଗୃହ କରିଥିବା ଦେଖିବାକୁ ମିଳୁଛି । ଯନ୍ତ୍ରୀ ଜଗନ୍ନାଥ ଧଡ଼ା କାର୍ଯ୍ୟାଳୟ ରେ ରହୁ ନଥିବା ରୁ ବାହାରେ ବୁଲି କେନାଲ ଦେଖିବାକୁ ଆସିଛି, ଆଉ କେନ୍ଦୁଝର , ଆନନ୍ଦପୁର ରେ ସବୁବେଳେ ସଭା ଚାଲୁଛି କହି ସମୟ ଅତିବାହିତ କରିବାରେ ବ୍ୟସ୍ତ । ସେପଟେ ବିଭାଗ ପକ୍ଷରୁ ଆବଶ୍ୟକ ମୁତାବକ କର୍ମଚାରୀ ଅଭାବ ରୁ ଅଫିସରେ ଜଣେ ଦୁଇ ଜଣ କର୍ମଚାରୀ କାମ ଚଳାଇ ବାକୁ ପଡୁଛି । ଯାହାକୁ ନେଇ ଅଫିସ ରେ ରହୁଥିବା କର୍ମଚାରୀ ମାନେ ମୋ




ସରକାର କକ୍ଷ କୁ ଗଞ୍ଜେଇ ଟାଣିବା ପାଇଁ କାମରେ ଲଗାଇ ଦେଇଛନ୍ତି । ଯାହାକୁ ନେଇ ଯନ୍ତ୍ରୀ ଆଦୌ ଉପସ୍ଥିତ ରହୁ ନଥିବା ରୁ ସେହି ଘରୁ ଦୁଇଟି ଚିଲିମ, କିଛି ଖଣ୍ଡିଆ ବିଡ଼ି ଓ ପୋଡ଼ା ଦିଆସିଲକାଠି ଦେଖିବାକୁ ମିଳିଥିଲା । ରାଜ୍ୟ ରେ ମୋହନ ସରକାର ଆସିବା ପରେ ଯନ୍ତ୍ରୀ ଶ୍ରୀ ଧଡା ମୋ ସରକାର କକ୍ଷ ଲୋଗୋ ହଟାଇ ନଥିବା ବେଳେ ଉକ୍ତ କୋଠରୀ କୁ ଗଞ୍ଜେଇ ଆଡା କରିବା କେତେ ଗ୍ରହଣୀୟ ବୋଲି ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି । ଯାହାକୁ ନେଇ ବିଭାଗୀୟ କର୍ମଚାରୀ ଙ୍କୁ ଏହି ବିଷୟ ରେ ପଚାରିବାରୁ ମୁଁ ଜାଣି ନାହିଁ ସାରେ କହି ପାରିବେ ବୋଲି କହିଥିଲେ । ହେଲେ ନିୟମ ଅନୁସାରେ ବିଭାଗ ରେ ଅଧିକାରୀ ଯଦି କୁଆଡେ ଯାଆନ୍ତି ତାଙ୍କର ପରିଦର୍ଶନ ସମୟ ସାରଣୀ ରହିବା କଥା । ହେଲେ ଏହି ବିଭାଗ ରେ ପୁରା ବିଭାଗ ଢିଲା ଥିବାରୁ କିଏ କୁଆଡେ ଯାଉଛି କେହି କିଛି ଜାଣି ପାରୁନଥାନ୍ତି । ଅପେକ୍ଷା କେବେ ଜଳ ସେଚନ ବିଭାଗ ର କେବେ ନିଦ ଭାଙ୍ଗୁଛି ଆଉ ମୋ ସରକାର କକ୍ଷ ଗଞ୍ଜେଇ ମୁକ୍ତ ହୋଇ ଲୋକଙ୍କ ସେବା ରେ ଲାଗୁଛି ।

# ଦିଲ୍ଲୀ ଦରବାରରେ ଚମକିଲେ ପଲ୍ଲୀର ପୁଅ

**ଗୁଣୁପୁର,(ମହାଭାରତ) :** ପଲ୍ଲୀରୁ ଦିଲ୍ଲୀ ଦରବାର ର ସଫଳ ଯାତ୍ରା ।ଦିଲ୍ଲୀ ଦରବାର ରେ ଚମକିଲେ ଆଉ ଜଣେ ଓଡ଼ିଆ ପୁଅ । ରାୟଗଡ ଜିଲ୍ଲା ରାମନଗୁଡ଼ା ବ୍ଲକ ର ଏକ ପଲ୍ଲୀ ଗାଁ ଲିମାପର୍ଦା ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ପରିବାର ଏହି ଗାଁ ରେ ବସବାସ କରନ୍ତି ।



ଗାଁ ର ବିଶେଷତା ହେଲା ଏଠାକାର ଶତ ପ୍ରତିଶତ ପରିବାର ଶିକ୍ଷିତ ପରିବାର । କେବଳ ଶିକ୍ଷା ନୁହେଁ କଳା, ସଂସ୍କୃତି, ରୋଷେୟା ଓ ପନିପରିବା ଚାଷ ରେ ଏହି ପଲ୍ଲୀ ଗାଁ ର ରହିଛି ସ୍ୱତନ୍ତ୍ର ପରିଚୟ ।ବର୍ତ୍ତମାନ ଏହି ଗାଁ ର ସଫଳତା ରେ ଯୋଡ଼ି ହେଇଚି ଆଉ ଏକ ଫର୍ଦ୍ଦ । ଏହି ପଲ୍ଲୀ ଗାଁ ର ସୁଯୋଗ୍ୟ ସନ୍ତାନ ରଞ୍ଜନ ରଥ ଦିଲ୍ଲୀ ଦରବାର ରେ ଚମକିଛନ୍ତି । ଆଇଡିବିଆଇ ବ୍ୟାଙ୍କ୍ ରେ ଚିଫ୍ ଜେନେରାଲ ମ୍ୟାନେଜର ତଥା ଜୋନାଲ ହେଡ ରୂପେ ଅବସ୍ଥାପିତ ଅଛନ୍ତି ଶ୍ରୀ ରଥ । ନିଜର କୁଶଳ କାର୍ଯ୍ୟ ଦକ୍ଷତା ତଥା ସଚ୍ଚୋଟ ମନୋଭାବ ପାଇଁ ସେ ଏହି ସଫଳତା ପାଇଛନ୍ତି । ଆଇଡିବିଆଇ ବ୍ୟାଙ୍କ୍ ର ଲାଭାଂଶ ପ୍ରାୟ ୭୩୫ କୋଟି ଟଙ୍କା ର ଏକ ଚେକ୍ ବ୍ୟାଙ୍କ୍ ର ସିଇଓ ରାକେଶ ଶର୍ମା ଓ ଚିଫ୍ ଜେନେରାଲ ମ୍ୟାନେଜର ରଞ୍ଜନ ରଥ ଙ୍କ ଉପସ୍ଥିତି ରେ କେନ୍ଦ୍ର ସରକାରଙ୍କ ଅର୍ଥମନ୍ତ୍ରୀ ନିର୍ମଳା ସିତାରମଣ ଙ୍କୁ ପ୍ରଦାନ କରିଛନ୍ତି ।ଏହି କାର୍ଯ୍ୟକ୍ରମ ରେ ଶ୍ରୀ ରଥ ଙ୍କୁ ସାମିଲ ହେବାର ସୁଯୋଗ ଦେଇଥିବା ରୁ ତାଙ୍କ ଗାଁ ରେ ଖୁସି ର ମାହୋଲ ଦେଖାଦେଇଛି ।ଶ୍ରୀ ରଥ ଙ୍କ ର ଏହି ସଫଳତା ପାଇଁ ପ୍ରପନ୍ ତ୍ରିପାଠୀ, ସୁବାସ ଚନ୍ଦ୍ର ପଣ୍ଡା,ଚକ୍ରପାଣି ତ୍ରିପାଠୀ, ଆର ଜି ମହାବିଦ୍ୟାଳୟ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ଓ ସୀତାରାମ ଯୁବକ ସଂଘ୍ ର ସଦସ୍ୟ ହର ପ୍ରସାଦ ରଥ, ଚିନ୍ମୟ ପଣ୍ଡା, ମଧୁସୂଦନ ପଣ୍ଡା ଓ ଅକ୍ଷୟ ପଣ୍ଡା ପ୍ରମୁଖ ଶୁଭେଚ୍ଛା ଜଣେଇଛନ୍ତି ।

# ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଉଡାଣ ଛାତ୍ର ବୃତ୍ତି ପ୍ରଦାନ

**ପାରାଦୀପ,(ମହାଭାରତ) :** ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ନୂଆଗାଁଠାରେ ଆୟୋଜିତ ଏକ ସମାରୋହରେ ଜିଲ୍ଲାର ୧୫୯ ଜଣଛାତ୍ରଛାତ୍ରୀଙ୍କୁ ଉଡାଣ ଛାତ୍ର ବୃତ୍ତି ପ୍ରଦାନ କରାଯାଇଛି । ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ଇ ଲର୍ଣ୍ଣିଙ୍ଗ କେନ୍ଦ୍ର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉପସ୍ଥିତ ୧୧୦ଜଣ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଥିଲା । ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍‌ର ଅଧିକାରୀ ଓ ଗୁରୁକୁଳ ଫାଉଣ୍ଡେସନର ମୁଖ୍ୟ ସୁରଜ କୁମାର ମିଶ୍ର ଓ ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜକିଶୋର ବେହେରା ଯୋଗ ଦେଇ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍‌ର ଉଡାଣ ଛାତ୍ରବୃତି ସବୁଠୁ ଲୋକପ୍ରିୟ ଓ ସ୍ୱତନ୍ତ୍ର କାର୍ଯ୍ୟ । ଯେଉଁ ମେଧାବୀ ଛାତ୍ରଛାତ୍ରୀମାନେ



ଅର୍ଥାଭାବରୁ ଉଚ୍ଚ ଶିକ୍ଷାରୁ ବଂଚିତ ହେଉଛନ୍ତି ସେହିମାନଙ୍କୁ ଏହି ଉଡାଣ ଛାତ୍ର ବୃତ୍ତି ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ଜଗତସିଂହପୁର ଜିଲ୍ଲାରେ ୨୦୨୧ ମସିହାରୁ ଏହି ଯୋଜନା ମାଧ୍ୟମରେ ଆଜି ପର୍ଯ୍ୟନ୍ତ ୨୯୩ ଜଣ ଛାତ୍ରଛାତ୍ରୀମାନଙ୍କୁ ୮୯.୩୫ ଲକ୍ଷ ଟଙ୍କାର ବୃତ୍ତି ପ୍ରଦାନ କରାଯାଇଛି । ରାଜ୍ୟର ସୁନ୍ଦରଗଡ, ଝାରସୁଗୁଡା, କେଉଁଝର ଓ ଜଗତସିଂହପୁର ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷରେ ୭୩୩ ଜଣ ଛାତ୍ରଛାତ୍ରୀଙ୍କୁ ଏକ କୋଟି ୯୩ଲକ୍ଷଟଙ୍କାର ବୃତ୍ତି ପ୍ରଦାନ କରାଯାଇଥିବା ନେଇ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଚଳିତ ଆର୍ଥିକ ବର୍ଷରେ ଜିଲ୍ଲାରେ ୧୫୯ଜଣ ଯୋଗ୍ୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଉଛି । ପାରାଦୀପ ସହରାଂଚଳରୁ ଯୋଗ୍ୟ ବିବେଚିତ ୪୯ ଜଣ ଛାତ୍ରଛାତ୍ରୀଙ୍କୁ ବୁଧବାର ଦିନ ପାରାଦୀପ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍ କାର୍ଯ୍ୟାଳୟରେ ଏହି ବୃତ୍ତି ପ୍ରଦାନ କରାଯିବ । ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଗୁରୁକୂଳ ଫାଉଣ୍ଡେସନ୍ ସହାୟତାରେ ନୂଆଗାଁସ୍ଥିତ ଇ ଲର୍ଣ୍ଣିଙ୍ଗ କେନ୍ଦ୍ର ଓ ବ୍ୟକ୍ତି ବିକାଶ ସେଣ୍ଟର ଅଧିନରେ ଚଳିତ ବର୍ଷ ୧୨୦ଜଣ ଛାତ୍ରଛାତ୍ରୀ ତାଲିମ ନେଉଥିବା ବେଳେ ଆସନ୍ତା ଦୁଇ ବର୍ଷ ମଧ୍ୟରେ ୨୫୦ ଜଣଙ୍କୁ ତାଲିମ ପ୍ରଦାନର ଲକ୍ଷ୍ୟ ରଖାଯାଇଥିବା ନେଇ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

# ଲେଙ୍କୁଡିପଡା ସରପଞ୍ଚଙ୍କ ବିରୁଦ୍ଧରେ ଅଭିଯୋଗ

**ନୟାଗଡ଼,(ମହାଭାରତ) :** ନୟାଗଡ଼ ଜିଲ୍ଲା ସଦରବ୍ଲକ୍ ଅନ୍ତର୍ଗତ ଲେଙ୍କୁଡ଼ିପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ବିରୁଦ୍ଧରେ ଧବଳେଇ ଗ୍ରାମବାସୀ ବିଡିଓଙ୍କୁ ଫେରାଦ



ହୋଇଛନ୍ତି । ସରପଞ୍ଚ ଧବଳେଇ ଗାଁ ଉନ୍ନତୀ ଓ ବିକାଶରେ ବାଧ ସୃଷ୍ଟି କରୁଥିବା ଅଭିଯୋଗ କରିଛନ୍ତି ଗ୍ରାମ ବାସୀ । ଗାଁକୁ ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଯାଉନାହିଁ । ଏହାକୁ ମନଇଚ୍ଛା କରାଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଗ୍ରାମରେ ରହିଥିବା ବିଦ୍ୟାଳୟ ରଙ୍ଗ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ଆସିଥ ?ବା ବେଳେ ବିଦ୍ୟାଳୟ କମିଟିକୁ ଅନ୍ଧାରରେ ରଖି କାର୍ଯ୍ୟ କରାଯାଉଛି । ଲେଙ୍କୁଡ଼ିପଡ଼ା ପଞ୍ଚାୟତ ଅଧୀନସ୍ଥ କଲ୍ୟାଣ ମଣ୍ଡପଟି ଧବଳେଇ ମୌଜାରେ ନିର୍ମାଣ କରାଯାଇଥିବା ବେଳେ କଲ୍ୟାଣମଣ୍ଡପ ଆୟ ଅର୍ଥରୁ ୪୦ ପ୍ରତିଶତ ଗାଁ ବିକାଶ ପାଇଁ ଖର୍ଚ୍ଚ କରାଯିବାକୁ ନିୟମ ରହିଛି । ମାତ୍ର ଦୁଇ ବର୍ଷ ମଧ୍ୟରେ କଲ୍ୟାଣମଣ୍ଡପରୁ ୨୩ ଲକ୍ଷ ଟଙ୍କା ଆୟ ହୋଇଥ ?ବା ବେଳେ ଧବଳେଇ ଗାଁ ପାଇଁ ପଞ୍ଚାୟତରୁ କୌଣସି ଅନୁଦାନ ପ୍ରଦାନ କରାଯାଇନାହିଁ । ସରପଞ୍ଚ କିଛି ମୁଷ୍ଟିମେୟ ଲୋକଙ୍କୁ ନେଇ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ଧବଳେଇ ଗାଁ ସଭାପତି ଅଭିମନ୍ୟୁ ପରିଡ଼ା, ସମ୍ପାଦକ ବ୍ରହ୍ମାଦୀ ଲେଙ୍କାଙ୍କ ସମେତ ଶତାଧିକ ଲୋକ ଆଜି ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କୁ ଫେରାଦ ହୋଇଛନ୍ତି । ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ନଚୁବା ଜୋରଦାର ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

# ଛୁରୀରେ ଭୁଷି ଯୁବକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ କଲା ପୋଲିସ

**ଯୋଡା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝର ଠାରେ ଲେଙ୍ଗ ।ଶବରକୁ ଛୁରୀ ରେ ଭୁଷି ହତ୍ୟା କରାଯାଇ ଥିବା ଘଟଣା ର ପର୍ଦ୍ଦାଫାଶ କରିଛି ଯୋଡା ପୋଲିସ । ଏହି ଘଟଣାର ଅଭିଯୁକ୍ତ ମଙ୍ଗଲୁ ପାତ୍ରକୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଯୋଡ଼ା ଥାନା ଦେଓଝର ଘନ ସାହି ର ଯୁବକ ଲେଙ୍ଗା ଶବର(୫୦) ଓ ସେହି ଗ୍ରାମର ମଙ୍ଗଲୁ ପାତ୍ର ଙ୍କ ସହିତ ପୂର୍ବରୁ ଝଗଡ଼ା ହୋଇ ଥିଲା । ଲେଂଗ । ଶବର ଅନେକ ସମୟରେ ମଙ୍ଗଲୁ ପାତ୍ରଙ୍କ ପୁଅ ସନ୍ତୋଷ ପାତ୍ରକୁ ମାଡ ମାରିବାର ଧମକ ଦେଇ ଆସୁଥିଲେ । ଏହି ଘଟଣାକୁ କେନ୍ଦ୍ର କରି ମଙ୍ଗଲୁ ପାତ୍ର ପ୍ରତିଶୋଧ ନେବା ପାଇଁ ସୁଯୋଗ ଅପେକ୍ଷାରେ ଥିଲେ । ରବିବାର ରାତିରେ ଲେଂଗା ଶବର କୁ ଘରୁ ଡାକି ନେଇ ମହାଦେବନଶା ଛକ ରାସ୍ତାରେ ଧାରୁଆ ଛୁରୀରେ ଭୂଷିତ ହତ୍ୟା କରିଥିଲେ । ସୋମବାର ସ୍ଥାନୀୟ ଲୋକେ ସକାଳୁ ଏହି ଘଟଣା ଜାଣିବା ପରେ ପୋଲିସ କୁ ଖବର ଦେବ। ପରେ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଘଟଣା ର ଖୋଳତାଡ ଆରମ୍ଭ କରି ଥିଲା । ମଙ୍ଗଳ ବାର ରାତିରେ ବଡ଼ବିଲ ଶ୍ରୀରାମନଗର ଠାରେ ଥିବା ମଙ୍ଗଲୁ ପାତ୍ର ଙ୍କ ଶ୍ୱଶୁର ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରି ଥିଲା । ଏ ନେଇ ପୋଲିସ ଏକ ହତ୍ୟା ମାମଲା ନଂ ୨୩୩/୨୦୨୪ ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିବା ଯୋଡା ଥାନା ଆଇଆଇସି ଲୋକେଶ ସାହୁ କହିଛନ୍ତି ।



# ମହାଭାରତ ଅଞ୍ଚଳ କଥା



ଆପଣା ମାଟିର କଥା ଓ ବ୍ୟଥା




## ହର ଘର ତ୍ରିରଙ୍ଗା ରେ ଝଲସୁଛି ନଦୀକୂଳ



ଅସ୍ତରଙ୍ଗ, (ମହାଭାରତ): ଚଳିତ ୭୮ ତମ ସ୍ୱାଧୀନତା ଦିବସ କୁ ସମ୍ପୂର୍ଣ୍ଣ ରାଜ୍ୟ କୁ ତ୍ରିରଙ୍ଗା ମୟ କରିବାକୁ ସରକାର ଙ୍କ ନିର୍ଦ୍ଦେଶ ଥିବା ବେଳେ ଏହାକୁ ଅସ୍ତରଙ୍ଗ ଅଞ୍ଚଳ ରେ ଖୁବ ଆନନ୍ଦମୟ ପରିବେଶ ରେ ପାଳନ କରାଯାଇଛି। ଏହାକୁ ନେଇ ଅସ୍ତରଙ୍ଗ ଅଞ୍ଚଳ ର ଦେ ନଦୀ, ପିର ଜାହାନିଆ ବେଳାଭୂମି, କେଲୁଣୀ ମୁହାଣ ଓ ଗଙ୍ଗାଦେ ନଦୀ ତଟ ରେ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଛି। ଅସ୍ତରଙ୍ଗ ଅଞ୍ଚଳ ର ଅନେକ ଜନସାଧାରଣ ଙ୍କ ହାତରେ ତ୍ରିରଙ୍ଗା ଦିଆଯାଇଛି ଆଉ ସେମାନେ ଆନନ୍ଦ ର ସହିତ ବିଭିନ୍ନ ଦେଶାତ୍ମବୋଧ ସଙ୍ଗୀତ ଓ ସ୍ଲୋଗାନ ରେ ଅଞ୍ଚଳ ପରିକ୍ରମା କରି ପିର ଜାହାନିଆ ରେ ସମୁଦ୍ର କୂଳ ରେ ତ୍ରିରଙ୍ଗା ପତାକା କୁ ସମ୍ମାନ ଜଣାଇବା ସହ ଏହାକୁ ଉଡାଇଛନ୍ତି, ଆଉ ତା ସହିତ ତ୍ରିରଙ୍ଗା ମୁରୁଜ ରେ ମାନଚିତ୍ର ଆଙ୍କି ସମସ୍ତ ଙ୍କ ମନ କୁ ଉଲ୍ଲସିତ କରିଛନ୍ତି, ଏଥି ସହିତ ଗଙ୍ଗାଦେୀ ନଦୀ ମୁହାଣ ରେ ତ୍ରିରଙ୍ଗା ଉଡ଼ାଯାଇଛି, ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଆରତୀ ନାୟକ, ସମାଜ ସେବୀ ଦିବାକର ଛାଟୋଇ, ବିଡ଼ିଓ ସୁଶ୍ରୀ ଶୁଭସ୍ମିତା ବେହେରା, ଅସ୍ତରଙ୍ଗ ବ୍ଲକ ର ଅନେକ ବିଭାଗୀୟ ଅଧିକାରୀ ସାମିଲ ହୋଇ ଅସ୍ତରଙ୍ଗ ବାସି ଙ୍କୁ ଏହି ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ରେ ସାମିଲ ହେବା ପାଇଁ ପରାମର୍ଶ ଦେଇଛନ୍ତି, ଅଗଷ୍ଟ ୯ ତାରିଖ ରୁ ଆରମ୍ଭ ହୋଇ ୧୫ ତାରିଖ ସ୍ୱାଧୀନତା ଦିବସ ରେ ଏହା ଶେଷ ହେବ, ସେଥିପାଇଁ ଚଳିତ ବର୍ଷ ଏହି ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ରେ ସମଗ୍ର ଅସ୍ତରଙ୍ଗ ଅଞ୍ଚଳ ତ୍ରିରଙ୍ଗାମୟ ହୋଇଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳ ର ନଦୀ ଓ ସମୁଦ୍ର କୂଳ ରେ ତ୍ରିରଙ୍ଗାମୟ ପରିବେଶ ଏକ ପ୍ରକାର ଦେଶାତ୍ମବୋଧ ବାତାବରଣ ସୃଷ୍ଟି କରିଛି। ଆଉ ଏହି କାର୍ଯ୍ୟକ୍ରମ ପାଇଁ ଅଞ୍ଚଳ ବାସି ଙ୍କ ମନରେ ଆମ ଦେଶ ପ୍ରତି ଥିବା ନିଷ୍ଠା, ଆତ୍ମୀୟତା ଓ ଦେଶ ପ୍ରେମ ର ଜାଗରଣ ବୃଦ୍ଧି ହୋଇଛି ।

## ମହା ଆଡମ୍ବରରେ ପାଳିତ ହେଲା ହର ଘର ତିରଙ୍ଗା ଯାତ୍ରା



ରାୟଗଡ:(ମହାଭାରତ): ଘରେ ଘରେ ତିରଂଗା କାର୍ଯ୍ୟକ୍ରମ ରାୟଗଡରେ ଶୋଭାଯାତ୍ରା ସମସ୍ତ ଭାରତୀୟଙ୍କ ସ୍ୱାଭିମାନ ଏବଂ ସମ୍ମାନର ପ୍ରତୀକ ତ୍ରିରଙ୍ଗା ପତାକା କୁ ଗର୍ବ ଓ ସମ୍ମାନର ସହ ଆମେ ସମସ୍ତେ ନିଜ ଘରେ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଉଡାଇ ବା ପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଘରେ ଘରେ ତିରଂଗା କାର୍ଯ୍ୟକ୍ରମ ଅବସରରେ ସର୍ବ ଭାରତୀୟ ସ୍ତରରେ ଗାଆଁ ରୁ ସହର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଅଛି। ହର ଘର ତିରଙ୍ଗା କାର୍ଯ୍ୟକ୍ରମ ଆଜି ରାୟଗଡ଼ ଜିଲ୍ଲା ସହର ମହକୁମା ଠାରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ସ୍ଥାନୀୟ ରେଲୱାଇ ଛକରୁ ସକାଳ ୯.୦୦ ଘଟିକା ସମୟରେ ତିରଙ୍ଗା ପଦଯାତ୍ରା ବାହାରି ରେଲୱାଇ ଓଭର ବ୍ରିଜରୁ, ନୂଆ ବସ ଷ୍ଟାଣ୍ଡ ଦେଇ ସ୍ଥାନୀୟ ଗାନ୍ଧୀ ପାର୍କରେ ସମାବେଶ ହୋଇଥିଲା ।ଏହି କାର୍ଯ୍ୟକ୍ରମକୁ ନୂତନ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା, ସୁଶ୍ରୀ ସରସ୍ତୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ଚନ୍ଦ୍ର ରଇତ, ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ର୍ନିବାହୀ, ଜିଲ୍ଲା ପରିଷଦ ଶ୍ରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ରାୟଗଡ଼ ଶ୍ରୀମତୀ କଲ୍ୟାଣୀ ସଙ୍ଘମିତ୍ରା, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ,ବସନ୍ତ କୁମାର ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ. ବସନ୍ତ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ସ୍ଥାପନା ଅଧିକାରୀ ଲଳିତ ମଣ୍ଡଳ, ଓରମାସ ସିଇଓ ମନୋଜ ପାତ୍ର, ଓଡିଶା ଜୀବିକା ମିଶନର ଡିପିଏମ ହେମନ୍ତ ବାଗ,ଲକ୍ଷ୍ମଣ ଘଣ୍ଟା,ଏପିଡି ଅଡମିନ ବିଜୟ କୁମାର ନାୟକ, ତହସିଲଦାର ପ୍ରିୟଦର୍ଶିନୀ ସାଇଁ, ପୌର ଉପାଧକ୍ଷା ଶ୍ରୀମତୀ ଶୁଭ୍ରା ପଣ୍ଡା, ବ୍ଲକ ଅଧକ୍ଷ୍ୟା ଟୁନି ହୁଇକା, ଏପିଡି ରଶ୍ମି ପରିଡା, ଅଜାତଶତ୍ରୁ ରାଉତ, ପ୍ରଭାତ ଲେଙ୍କା, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍ଥାନୀୟ ପୋଲିସ, କେନ୍ଦ୍ରୀୟ ପୋଲିସ ବଳ, ଗଣ ମାଧ୍ୟମ ପ୍ରତିନିଧି, ମୋଟର କର୍ମଚାରୀ ସଂଘ ରାୟଗଡା ଶାଖାର ସଦସ୍ୟ,ପୈର କର୍ମଚାରୀ,ବିଭିନ୍ନ ସଂଗଠନର କର୍ମକର୍ତ୍ତା ଆଦି ଯୋଗଦାନ କରି ସରସ୍ତୀ ଶିଶୁ ମନ୍ଦିର ର ଛାତ୍ରମାନଙ୍କ ଦ୍ୱାରା ବ୍ୟାଣ୍ଡ ବାଜା ଦ୍ୱାରା ରେଲୱାଇ ଛକରୁ ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଜାତୀୟ ପତାକା ଧରି ପଦ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଲୋକସମ୍ପର୍କ କାର୍ଯ୍ୟାଳୟର ଗ୍ର୍ୟାଗାରିକ ଡମ୍ବରୁଧର ପଣ୍ଡା, ସୁଭାଷ କେରକେଟା,ଭାବନୀ ଶବର,କୁମୁଦିନୀ ମିଶାଳ,ସମ୍ରାଟ ସାହୁ, ରାଜେନ୍ଦ୍ର ଦୋରା ସହଯୋଗ କରିଥିଲେ।

## ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ

ଆସିକା (ମହାଭାରତ): କେନ୍ଦ୍ର ସରକାର ଙ୍କ ନିର୍ଦେଶ କ୍ରମେ ସାରା ଭାରତ ବର୍ଷ ରେ ସ୍ୱାଧୀନତା ଦିବସ ଅବସରରେ ଅଗଷ୍ଟ ୯ ତାରିଖ ଠାରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ଆଜି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ ମୁଖ୍ୟ ଅତିଥିଭାବେ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲା ବେଳେ ଆସିକା ନଗର ସଭାପତି ସତ୍ୟନାରାୟଣ ସ୍ୱାଇଁ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ, ବିଡ଼ିଓ ଫକୀର ଚରଣ ପରିଡା, ଏବିଇଓ ଭାଗିରଥି ପାତ୍ର ସହକାରୀ ର୍ନିବାହୀ ଯନ୍ତ୍ରୀ ଅଶୋକ କୁମାର ଶତପଥି, କନିଷ୍ଠ ଯନ୍ତ୍ରୀ ଅଶୋକ ସେନାପତି,ସନ୍ଦୀପ ପାଢ଼ୀ, ସଂଗୀତ ପାଢ଼ୀ , ବିଜୟ ସ୍ୱାଇଁ, ନିରଞ୍ଜନ ମହାନ୍ତି,ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମ ରେ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟା ମନ୍ଦିର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ, ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟ, ହରିହର ଉଚ୍ଚ ବିଦ୍ୟାଳୟ ଆଦି ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ ।

### ଶବ ସଂରକ୍ଷଣ ଗୃହରେ ଅବ୍ୟବସ୍ଥା

# ସାତମାସ ହେଲା ଫ୍ରିଜର୍ ଅଚଳ, ପଚାଗନ୍ଧରେ ନାକ ଫାଟିଯାଉଛି

ନୟାଗଡ଼, ( ମହାଭାରତ ) : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ଆସୁଥିବା ମୃତଦେହ ଗୁଡ଼ିକୁ ସଂରକ୍ଷଣ ରଖାଯାଇ ପାରୁନାହିଁ। ସାତମାସ ହେଲା ଶବ ସଂରକ୍ଷଣ ଗୃହର ଫ୍ରିଜ୍ ଖରାପ ହୋଇପଡ଼ିଛି। ଏହି ପ୍ରିଜର୍ର ମରାମତି ହେଉନଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବ୍ୟବସ୍ଥା ଅନୁଯାୟୀ, ପୂର୍ବାହ୍ନରେ ଆସୁଥିବା ମୃତଦେହ ଗୁଡ଼ିକର ସେହିଦିନ ବ୍ୟବଚ୍ଛେଦ ହୋଇଥାଏ। ମାତ୍ର ସନ୍ଧ୍ୟା କିମ୍ବା ବିଳମ୍ବିତ ରାତିରେ ଆସୁଥିବା ମୃତଦେହ ଗୁଡ଼ିକର ସଙ୍ଗେ ସଙ୍ଗେ ବ୍ୟବଚ୍ଛେଦ ହୋଇପାରିନଥାଏ। ପରଦିନ ହିଁ ଏହି ମୃତଦେହ ଗୁଡ଼ିକର ବ୍ୟବଚ୍ଛେଦ କରାଯାଏ। ନିୟମ ଅନୁଯାୟୀ, ଏହି ସବୁ ମୃତଦେହକୁ ଶବ ସଂରକ୍ଷଣ ଗୃହର ଫିଜର୍ ମଧ୍ୟରେ ସଂରକ୍ଷିତ ରଖାଯାଇଥାଏ ପରଦିନ ଏଠାରୁ ମୃତଦେହ କଢ଼ାଯାଇ ବ୍ୟବଚ୍ଛେଦ ହୋଇଥାଏ। ମାତ୍ର ମାସ ମାସ ଧରି ଶବ ସଂରକ୍ଷଣ ଗୃହର ଫ୍ରଜର୍ ଖରାପ ଥିବାରୁ ମୃତଦେହ ଗୁଡ଼ିକୁ ସେହିଭଳି ଚଟାଣରେ ରଖିଦିଆଯାଉଛି। କେତେକ କ୍ଷେତ୍ରରେ ଏହା ୧୨ ଘଣ୍ଟାରୁ ଅଧିକ ସମୟ ସେହିପରି ପଡ଼ିରହୁଥିବାରୁ




ମୃତଦେହ ନଷ୍ଟ ହେବାରେ ଲାଗିଛି। ଯଦି ମୃତଦେହ ବ୍ୟବଚ୍ଛେଦ ପାଇଁ କୌଣସି କାରଣରୁ ବିଳମ୍ବ ହେଉଛି, ତେବେ ଏହା ନଷ୍ଟ ହୋଇଯାଉଥିବାରୁ ପ୍ରବଳ ଦୁର୍ଗନ୍ଧ ହୋଇଛି। ପୂର୍ବରୁ ମୃତଦେହ ଗୁଡ଼ିକୁ ଫ୍ରିଜରେ ରଖାଯାଉଥିବା ବେଳେ ଏହା ନଷ୍ଟ ହେଉନଥିଲା। ମାତ୍ର ଏବେ ମୃତଦେହ ସଂରକ୍ଷିତ ରଖିବା ବଡ଼ ସମସ୍ୟା ଭାବେ ଉଭାହୋଇଛି। ମୃତଦେହ ପଚି ଦୁର୍ଗନ୍ଧ କରୁଥିବାରୁ ଫ୍ରିଜର୍ ମରାମତି ପାଇଁ ଆସିଥିବା ମିସ୍ତ୍ରୀ ମାନେ ଏହି ଗୃହ ମଧ୍ୟକୁ ପ୍ରବେଶ କରିପାରିନଥିଲେ। ପରେ ହସ୍ପିଟାଲ ପକ୍ଷରୁ ଏହା ମଧ୍ୟରେ ଫିନାଇଲ୍ ଓ ବ୍ଲିଚିଂ ପକାଇ କିଛି ଦିନ ରଖାଯିବା ପରେ ପ୍ରିଜର୍ ଗୁଡ଼ିକର ମରାମତି କାମ ଆରମ୍ଭ ହୋଇଛି। ମାତ୍ର ଶବକୁ ସମ୍ମାନ ଦେବା ପାଇଁ ଉଦ୍ଦିଷ୍ଟ ଏହି ବ୍ୟବସ୍ଥାକୁ ଡାକ୍ତରଖାନା କର୍ତ୍ତୃପକ୍ଷ ସେତେଟା ଗୁରୁ ଦେଉନଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଫ୍ରିଜର୍ ଅଚଳ ହୋଇଥିବା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଅତିରିକ୍ତ ଚିକିତ୍ସା ଅଧିକାରୀ ଜାଣିବାକୁ ପାଇଥିଲେ। ଏହାପରେ ଏହାର ମରାମତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା ସ୍ଥାନୀୟ ମିସ୍ତ୍ରୀ ମାନେ ଏହାକୁ ମରାମତି ପାଇଁ ମନା କରିବାରୁ ଭୁବନେଶ୍ୱରରୁ ମେକାନିକଙ୍କୁ ଡକାଯାଇଛି। ଆଉ ଅଳ୍ପ ଦିନ ମଧ୍ୟରେ ଫ୍ରିଜର୍ ଗୁଡ଼ିକ ଠିକ୍ ହୋଇଯିବ ବୋଲି ସୂଚନା ମିଳିଛି।

## ସଚେତନତା ସୃଷ୍ଟି ଓ ସମାଜ କଲ୍ୟାଣ କାର୍ଯ୍ୟରେ ଇଫକୋ ଲେଡିଜ୍ କ୍ଲବ୍‌ର ସଫଳତା



ପାରାଦୀପ(ମହାଭାରତ): ପାରାଦୀପ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍ ସଚେତନତା ସୃଷ୍ଟି ଓ ସମାଜ କଲ୍ୟାଣ କାର୍ଯ୍ୟରେ ସଫଳତା ହାସଲ କରିଛି । ଇଫକୋର ପ୍ରଥମ ମହିଳା ରେଖା ଅଓସ୍ତିଙ୍କ ଦୃଢ ନେତୃତ୍ୱ,ଦକ୍ଷତା ଓ ମାର୍ଗଦର୍ଶନରେ ଜ୍ୟୋତି ଲେଡିଜ୍ କ୍ଲବ୍ ଏହି ସଫଳତା ହାସଲ କରିପାରିଛି । ଶ୍ରୀମତୀ ଅଓସ୍ତିଙ୍କ ଉପସ୍ଥିତିରେ ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟଉପକରଣ ବଣ୍ଟନ, ନିକଟବର୍ତ୍ତି ଗ୍ରାମର ମହିଳାମାନଙ୍କର ଆବଶ୍ୟକୀୟ ଉପକରଣ ବଣ୍ଟନ କରାଯାଇଛି । ଏଥି ସହିତ ଗୋଶାଳାରେ ଗୋମାତାଙ୍କ ନିମନ୍ତେ ଗୋଖାଦ୍ୟ ବଣ୍ଟନ କରାଯାଇଥିଲା । ସମାଜରୁ ପଲିଥିନ୍ ବ୍ୟବହାର ବନ୍ଦ କରିବା ନିମନ୍ତେ ଏକ ସଚେତନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଲୋକମାନେ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ନକରି କପଡା ବ୍ୟାଗ୍ ବ୍ୟବହାର କରିବା ପାଇଁ କପଡାରେ ତିଆରି ବ୍ୟାଗ୍ ପ୍ରଦାନ କରାଯାଇଥିଲା । ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଦସ୍ୟା ଓ କର୍ମକର୍ତ୍ତାମାନେ ଜନସାଧାରଣଙ୍କୁ ନିଜ ନିଜ ଘରେ ବଗିଚା ସୃଷ୍ଟି କରିବା ସହିତ କିଚେନ୍ ଗାର୍ଡେନ୍ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ । ଅସମୟରେ ଦୈବି ର୍ଦୁବିପାକ ସମୟରେ ମହିଳାମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ପରାମର୍ଶ ଦେଇଥିଲେ ଶ୍ରୀମତୀ ଅଓସ୍ତି । ଏହି କାର୍ଯ୍ୟକ୍ରମରେ ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ମମତା ପଟେଲ୍, ସମ୍ପାଦିକା ଚନ୍ଦନା ସାହୁଙ୍କ ସମେତ ସଦସ୍ୟାମାନେ ଏବଂ ଇଫକୋ ପାରାଦୀପ ୟୁନିଟ୍‌ର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ପାଟଣା ଥାନା ପକ୍ଷରୁ ସଚେତନତା ବୈଠକ ଅନୁଷ୍ଠିତ

ପାଟଣା:-(ମହାଭାରତ) ବାଂଲାଦେଶ ରେ ହିନ୍ଦୁ ଙ୍କପ୍ରତି ଅତି ଆଚ୍ଛର ବର୍ବତା ଭାବେ ରେ ଆକ୍ରମଣ ଦୁଷ୍କର୍ମ,ହତ୍ୟା କରିବା,ଘରପୋଡି ଦେବା ଘଟଣା କୁ ନେଇ ଓଡ଼ିଶାରେ ତୀବ୍ର ବରୋଧବପ୍ରତିକ୍ରିୟା ଦେଖା ଦେଉ ଥିବା ବେଳେ ବାଙ୍ଗଲାଦେଶ ଅନୁପ୍ରବେଶ କାରୀ ଙ୍କ ସନ୍ଦେହ ରେ ଥିବା ପଶ୍ଚିମବଙ୍ଗ ଅଞ୍ଚଳ ର ଫେରି ।ଲା,ରାଜମିସ୍ତ୍ରୀ ବାଙ୍ଗଲାଦେଶୀ ଭାବି ଲୋକେ ବିଭିନ୍ନ ସ୍ଥାନରେ ଗାଳି ଗୁଲଜ କରିବା ସହ ମାରପିଟ କରିବା ସହିତ ବିଭିନ୍ନ ଧମକ ଦେଇ ତାଙ୍କ ରାଜ୍ୟକୁ ଫେରି ଯିବାକୁ ଚାପ ପକାଉଥିବା ଘଟଣା ଭାଇରାଲ ହେଉଛି। ଏଭଳି ସ୍ଥିତିରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି କୁ ଏଡ଼ାଇବା ପାଇଁ କେନ୍ଦୁଝର ଏସ.ପି ଙ୍କ ନିର୍ଦ୍ଦେଶ କ୍ରମେ ଆଜି ପାଟଣା ଥାନା ପକ୍ଷ ରୁ ପାଟଣା ସାହାରପଡା ବ୍ଲକ ର ପଞ୍ଚାୟତ ସରପଞ୍ଚ,ସମିତି ସଭ୍ୟ ଓ ବୁଦ୍ଧିଜୀବୀ ଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି ।

## ସାମ୍ବାଦିକ ସଂଘ ତରଫରୁ ନୂତନ ଥାନାଧିକାରୀଙ୍କୁ ସମ୍ବର୍ଦ୍ଧନା

ଟିଟିଲାଗଡ (ମହାଭାରତ) ବଲାଙ୍ଗୀର ଜିଲ୍ଲା ସଇଁତଲାର ନୂତନ ଥାନାଧିକାରୀ ସୁଶାନ୍ତ କୁମାର ବଢ଼େଇ ଙ୍କୁ ମଙ୍ଗଳବାର ସଇଁତଲା କାର୍ଯ୍ୟରତ ସାମ୍ବାଦିକ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଥାନାର ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ଙ୍କୁ ପାଇକମାଲ ଥାନାକୁ ବଦଳି ହୋଇଯାଇଛି। ବର୍ତମାନ ଥାନା ଅଧିକାରୀ ଶ୍ରୀ ବଢ଼େଇ ସେ ମଧ ବରଗଡ ଜିଲ୍ଲା ପାଇକମାଲ ଥାନାରେ କାର୍ଯ୍ୟରତ ଥିଲେ । ତାଙ୍କ ଯୋଗଦାନ ପରେ ସେ ଅଞ୍ଚଳରେ ଚାଲିଥିବା ବିଭିନ୍ନ ସମସ୍ତ ଅପରାଧିକ କାର୍ଯ୍ୟକଳାପରୁ ମୁକ୍ତ କରିବା ସହିତ ଅଞ୍ଚଳର ଲୋକଙ୍କୁ ଉଚି ନ୍ୟାୟ ପ୍ରଦାନ କରାଯିବ ବୋଲି ଶ୍ରୀ ବଢେଇ କହିଥିଲେ। ଏପରିକି ଏହି ଥାନା ଅଞ୍ଚଳରେ ନିଶା କାରବାର ସାଙ୍ଗକୁ ଲୁଟପାଟ, ଡ଼କାୟତି ଭଳି ଅସାମାଜିକ କାର୍ଯ୍ୟକଳାପକୁ ଉପରେ କଡ଼ା ନଜର ରଖି କଠୋର କାର୍ଯାନୁଷ୍ଠାନ ନିଆଯିବ ବୋଲି ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ। ଏହି ପରିପେକ୍ଷୀରେ କାର୍ଯ୍ୟରତ ସାମ୍ବାଦିକ ସଂଘ ତରଫରୁ ଥାନାଧିକାରୀ ଶ୍ରୀ ବଢ଼େଇ ଙ୍କୁ ଫୁଲତୋଡା ସହ ଉପଢ଼ୋକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସମୟରେ ସଂଘର ମୁଖ୍ୟପରାମର୍ଶ ଦାତା ପ୍ରମୋଦ ସେଲମା, ସଂଘ ସଭାପତି ନାରାୟଣ ସାହୁ, ସମ୍ପାଦକ ବିଶାଳ ଅଗ୍ରୱାଲ, ଉପ ସଭାପତି ପ୍ରଦୀପ ବାଗ, କୋଷାଧକ୍ଷ ଅଜିତ ସାହୁ,ଶୁଶାନ୍ତ କୁମାର ମେହେର, ଗୋକୁଳାନନ୍ଦ ବଗର୍ତୀ , ,ରାମନାରାୟଣ ବାଗ, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ଶୁଆ ବିକ୍ରି କରୁଥିବା ଅଭିଯୋଗରେ ଜଣେ ଗିରଫ

ଯୋଡା,ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ବସ ଷ୍ଟାଣ୍ଡ ନିକଟରେ ଜଣେ ଯୁବକ ବେଆଇନ ଭାବେ ଶୁଆପକ୍ଷୀ ଧରି ବିକ୍ରି କରୁଥିବା ବେଳେ ଯୋଡା ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ଶୁଆ ପକ୍ଷୀ ସମେତ ଅଭିଯୁକ୍ତ କୁ ଗିରଫ କରିଛି । ଏ ସଂକ୍ରାନ୍ତରେ ଯୋଡା ବନପାଳ ତ୍ରିନାଥ ଜେନା ସୂଚନା ଦେଇ କହିଛନ୍ତି ଯେ,ଏହି ଶୁଆ ପକ୍ଷୀ ବିଲୁପ୍ତ ହୋଇ ଯାଉଥିବା ପ୍ରଜାତିର ଅଟେ। ଧରା ପଡ଼ି ଥିବା ୮ଟି ଶୁଆ ପକ୍ଷୀ ରୋଜ ରୀଙ୍ଗଡ ପାରାକୀଟ ଶ୍ରେଣୀ ର । ଗିରଫ ଯୁବକ ହେଲେ ଝାଡ଼ଖଣ୍ଡ ରାଜ୍ୟ ରଞ୍ଚି ଅଞ୍ଚଳ ର ରାଜା ଆଲୟମ୍ ।ସେ ଯୋଡ଼ାରେ ଭଡ଼ା ଘରେ ରହି ବିଭିନ୍ନ ବନ୍ୟ ପଶୁ ,ପକ୍ଷୀ ଚୋରା ଚାଲାଣ କରନ୍ତି ବୋଲି ବନପୟଳ ଜେନା କହିଛନ୍ତି ଯବହୁ ଦିନରୁ ରାଜୟ ଆଲୟମ୍ ଙ୍କ ସନ୍ଦିଗ୍ଧ ଗତି ବିଧି ଉପରେ ବନ ବିଭାଗ ନଜର ରଖିଥିଲା ।ଏହି କାରବାର ର ଚେର ଯୋଡା ଅଞ୍ଚଳରେ ବହୁ ଦୂରକୁ ଲମ୍ବି ଥିବା ହେତୁ ଏହାର ଅଧିକ ଖୋଳତାଡ କରାଯିବ ବୋଲି ଜେନା କହିଛନ୍ତି। ଜେନା କହିଛନ୍ତି ଏହା ୧୯୭୨ ବନ୍ୟ ଜନ୍ତୁ ସଂରକ୍ଷଣ ଆଇନ ର ଉଲଂଘନ ହୋଇଥବା ସୂଚନା ଦେଇଛନ୍ତି । ଏ ନେଇ କେସ ନଂ ୧୨ସିଏଚ/୨୦୨୪ ରୁଜୁ କରାଯାଇଛେ । ଚମ୍ପୁଆ ଏ ସି ଏଫ୍ ଅକ୍ଷୟ କୁମାର ଛତ୍ରିଆ ଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ କରାଯାଇଥିଲା ।ଏହି ଚଢାଉ ରେ ଯୋଡା ବନପାଳ ଙ୍କ ସମେତ ବନ କର୍ମଚାରୀ ନିଲମ୍ ମହାନ୍ତ,ସୁରଜ୍ କୁମାର ଦାସ ,ବନ ସ୍କ୍ୱାର୍ଡ ଗୋପାଳ କୃଷ୍ଣ ନାଏକ ପ୍ରମୁଖ ସାମିଲ ଥିଲେ।

## ପୋଖରୀରେ ବୁଡିଯାଇ ଭିନ୍ନକ୍ଷମଙ୍କ ମୃତ୍ୟୁ

କୋକସରା,(ମହାଭାରତ): କୋକସରା ଥାନା ମାଝୀଗୁଡା ଗ୍ରାମରେ ମଙ୍ଗଳବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀର ଗଭୀର ପାଣିରେ ଖସିଯାଇ ଜଣେ ଭିଉକ୍ଷମଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଝୀଗୁଡା ଗ୍ରାମର ମାନସିଂ ପୁଞ୍ଜି(୬୫)। ସୂଚନା ଅନୁଯାୟୀ, ସକାଳୁ ମାନସିଂ ନିଜ ଚାଷ ଜମିରେ କାମ କରୁଥିବାବେଳେ ଜମିକୁ ଲାଗି ରହିଥିବା ପୋଖରୀରେ ହଠାତ୍ ଖସିପଡ଼ି ଥିଲେ। ଭିନ୍ନକ୍ଷମତା ହେତୁ ବୃଦ୍ଧ ମାନସିଂ ପାଣିରୁ ବାହାରି ନପାରି ଗଭୀର ପାଣି ଭିତରୁକୁ ଚାଲି ଯାଇଥିଲେ। ପରିବାର ଲୋକେ ଖବର ପାଇ ତୁରନ୍ତ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ବାଗଙ୍କ ନେତୃତ୍ୱରେ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ର୍ଦିଘ ସମୟ ଧରି ପୋଖରୀ ଭିତରେ ଖୋଜାଖୋଜି କରିବା ପରେ ପାଣି ଭିତରୁ ମାନସିଂଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା। ଖବର ପାଇ କୋକସରା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠେଇଥିଲେ। ଏବଂ ସେଠାରେ ଶବ ବ୍ୟବଚ୍ଛେଦ ହେବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ କୋକସରା ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ଅଗଷ୍ଟ ୧୬ ରୁ ଜିଲ୍ଲାବ୍ୟାପୀ ଡିଜିଟାଲ ଫସଲ ସର୍ବେକ୍ଷଣ

ରାୟଗଡା(ମହାଭାରତ): ଚଳିତ ବର୍ଷ ଖରିଫ ୨୦୨୪ ରେ ରାୟଗଡ଼ା ଜିଲ୍ଲା ର ୧୮୨ ପଞ୍ଚାୟତ ରେ ଡିଜିଟାଲ ଫସଲ ସର୍ବେକ୍ଷଣ ହେବ ।ଏଥିରେ ୫୯୭୨୫୮ ପ୍ଲଟ ଅନ୍ତର୍ଭୁକ୍ତ ହୋଇଛି । ଜିଲ୍ଲା ର ୩ କୃଷି ଜିଲ୍ଲା ଅଧୀନ ୧୧ ବ୍ଲକର ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯକ୍ରମ ସମ୍ପାଦନ ପାଇଁ ନିଯୁକ୍ତ ସମସ୍ତ ବ୍ଲକ ମାଷ୍ଟର ଟ୍ରେନର ମାନଙ୍କୁ ତାଲିମ ପ୍ରଦାନ କାର୍ଯକ୍ରମ ଜିଲ୍ଲାପାଳ ଙ୍କ ସଭାପତିତ୍ୱ ରେ ତା ୦୭/୦୮/୨୫ ରିଖ କରାଯାଇଛି। ଜିଲ୍ଲା ସ୍ତରୀୟ ତାଲିମ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ସୁମନସିଂ ପଟ୍ଟନାୟକ ଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା । ଏଥିରେ ରାୟଗଡ଼ା ର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ବ୍ଲକ ମାଷ୍ଟର ଟ୍ରେନର ମାନେ ଉପସ୍ଥିତ ଥିଲେ ୟଯୋଜନା ଅଧିକାରୀ ଶ୍ରୀସୁଜି କୁମାର ପାଢ଼ୀ ଯୋଜନା ର ସମ୍ୟକ୍ ଧାରଣ ଦେଇଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର ଶ୍ରୀମତୀ ମଧୁସ୍ମିତା ବେହେରା (ଡେପୁଟି କଲେକ୍ଟର ) ଓ ଶ୍ରୀ ଗୁପ୍ତ ପ୍ରସାଦ ପଣ୍ଡା (ସହକାରୀ କୃଷି ଅଧିକାରୀ , କୋଲନରା ) ଡିଜିଟାଲ ଫସଲ ସର୍ବେକ୍ଷଣ ଉପରେ ବର୍ଣ୍ଣନା କରିଥିଲେ। ବ୍ଲକ୍ ସ୍ତରୀୟ ଅଧିକାରୀ ମାନେ ଏଥିରେ ସୁପର୍ଭାଇସିଂ ଅଧିକାରୀ ରୂପେ ନିଯୁକ୍ତ ହେବେ ।

### ସାର କଳାବଜାରୀ ରୋକିବାକୁ ସ୍କ୍ୱାର୍ଡ ଗଠନ

# ଆବଶ୍ୟକ ୧୮,୫୦୦ ମେଟ୍ରିକ୍ ଟନ୍, ମହଜୁଦ୍ ରହିଛି ୨,୭୬୪

ନୟାଗଡ଼, ( ମହାଭାରତ ) : ଲଗାଣ ବର୍ଷା ପରେ ଜିଲ୍ଲାରେ ଏବେ ଚାଷକାର୍ଯ୍ୟ ଜୋରଦାର୍ ଚାଲିଛି। ଫଳରେ ସ୍ୱାଭାବିକ ଭାବେ ସାରର ଚାହିଦା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହାର ସୁଯୋଗ ନେଇ ସାର ବିତରଣ କରୁଥିବା କିଛି ଡିଲର୍ ସାର କଳାବଜାରୀ କରି ଅଧିକ ଦରରେ ଚାଷୀ ମାନଙ୍କୁ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏଣୁ ଏହାକୁ ରୋକିବା ପାଇଁ ଜିଲ୍ଲା କୃଷି ବିଭାଗ ଜୋର୍ଦାର ପ୍ରସ୍ତୁତି କରିଛିୟ ଜିଲ୍ଲା ସ୍ତରରେ ଏଥିପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି। ସାର ବିକ୍ରିରେ ଅଧିକ ସ୍ୱଚ୍ଛତା ଆଣି ଦେବା ପାଇଁ କୃଷି ବିଭାଗ ପକ୍ଷରୁ ଏବେ ବ୍ଲକ୍ ସ୍ତରରେ ମଧ୍ୟ ସ୍କ୍ୱାର୍ଡ ଗଠନ କରାଯାଇଛି। ଯେଉଁ ଡିଲର ମାନେ ଅଧିକ ଦରରେ ସାର ବିକ୍ରି କରୁଥିବେ କିମ୍ବା ସାର ମହଜୁଦ୍ ରଖି ଠିକ୍ ଭାବେ ଚାଷୀ ମାନଙ୍କୁ ଦେଉନଥିବେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ କୁମାର ଦଳେଇ ସୂଚନା ପ୍ରଦାନ କରିଛନ୍ତି। ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଦଳେଇଙ୍କ ସୂଚନା ମୁତବକ, ଚଳିତ ବର୍ଷ ଖରିଫ ଚାଷ ପାଇଁ ମୋଟ୍ ୧୮,୫୦୦ ମେଟ୍ରିକ୍ ଟନ୍ ସାରର ଆବଶ୍ୟକତା ରହିଛିୟ ବର୍ତ୍ତମାନ ସୁଦ୍ଧା ୨,୭୬୪.୬୧୮ ମେଟ୍ରିକ୍ ଟନ୍ ସାର ମହଜୁଦ୍ ଅଛି। ବାକି ଆବଶ୍ୟକ ହେଉଥିବା ସାର ଗୁଡ଼ିକର ଖୁବ୍‌ଶୀଘ୍ର ଯେପରି



ଆସିପାରିବେ, ସେ ନେଇ ବୈଠକରେ ଆଲୋଚନା ହୋଇଛି। ଜିଲ୍ଲାରେ ୟୁରିଆ ୭,୫୦୦ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ୧୧୯୨.୩୧୮ ମେଟ୍ରିକ୍ ଟନ୍ ମହଜୁଦ ଅଛିୟ ସେହିପରି ପଟାସ ୬୫୦୦ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ଅଛିୟ ୧୪୨.୪୫ ମେଟ୍ରିକ୍ ଟନ୍, ଡିଏପି ୨୫୦୦ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ଅଛି। ୧୦୧.୨୫ ମେଟ୍ରିକ୍ ଟନ୍, ଏମଓପି ୫୦୦ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ଅଛି ୧୭୦.୩୫ ମେଟ୍ରିକ୍ ଟନ୍, ଏନ୍ପିକେଏସ୍ ୨୦୦୦ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ କୃଷି ବିଭାଗ ନିକଟରେ ୧୧୫୮.୪୫ ମେଟ୍ରିକ୍ ଟନ୍ ମହଜୁଦ୍ ରହିଛି। ଜିଲ୍ଲାରେ ୧୫୭ ସମବାୟ ସମିତି ରହିଥିବା ବେଳେ ସାର ନେବା ପାଇଁ ୧୩୭ ଜଣ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୭ଟି ସମିତି ସାର ନେଇଛନ୍ତି। ଯେହେତୁ ଅଧିକ ପରିମାଣରେ ସାର ଆସି ନାହିଁ, ସେଥିପାଇଁ ଅନ୍ୟମାନେ ସାର ନେଇନଥିବା ଜଣାପଡ଼ିଛି। ସାର ଯୋଗାଣ ପାଇଁ ଅନୁମତି ପାଇନଥିବା ଡିଲରମାନେ ଅଧିକାଂଶ ସମୟରେ କଳାବଜାରୀ କରୁଥିବା ଅଭିଯୋଗ ହୋଇଛି। ଚାଷ ପାଇଁ ୟୁରିଆ ଓ ଡିଏପିର ଚାହିଦା ଅଧିକ ସେଥିପାଇଁ ଏହି ଦୁଇଟି ସାରର ଦର ବୃଦ୍ଧି କରାଯାଇ ଚାଷୀମାନଙ୍କୁ ବିକ୍ରି କରାଯାଉଛି। ନୟାଗଡ଼ରେ ମୋଟ୍ ୧,୩୧, ୧୩୪ ହେକ୍ଟର ଜମିରେ ଚାଷ କରାଯାଉଛି। ସେଥିମଧ୍ୟରୁ ଖରିଫ୍ ଋତୁରେ ୯୭,୫୩୩ ହେକ୍ଟର ଜମିରେ ଧାନ ଓ ବାକି ଜମି ଗୁଡ଼ିକରେ ଅଣଧାନ ଚାଷ କରାଯାଉଛି। ଏଣୁ ଜିଲ୍ଲାର ୯୦ ପ୍ରତିଶତରୁ ଅଧିକ ଚାଷୀ ଧାନ ଚାଷ କରୁଥିବା ଜଣାପଡ଼ିଛି। ଏଣୁ ଚାଷୀ ମାନେ ଯେପରି ସୁରୁଖୁରୁରେ ସାର ପାଇବା ସହ ଭଲ ଅମଳ କରିବେ, ସେଥିପ୍ରତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯାଉଛି ବୋଲି ସେ କହିଛନ୍ତି।



# ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ବାରମ୍ବାର ଧର୍ମଘଟ ଓ ଆନ୍ଦୋଳନରେ ଅଶାନ୍ତ ଖଣିଜ କ୍ଷେତ୍ର

**ଯୋଡା,(ମହାଭାରତ) :** ଯୋଡ଼ା ଖଣି ମଣ୍ଡଳ ଅଶାନ୍ତ ହୋଇ ଉଠିଛି । ବାରମ୍ବାର ଧର୍ମଘଟ ଓ ଆନ୍ଦୋଳନରେ ଉତ୍ତପ୍ତ ହୋଇଛି ଖଣିଜ ପରିବେଶ। ନିଜ ସ୍ୱାର୍ଥ ରଖି ନେତୃତ୍ୱ ନେଉଥିବା ନେତାଙ୍କ ପ୍ରୋରଚନରେ ବଳି ପଡୁଛନ୍ତି ସରଳ ଜନତା । ଆନ୍ଦୋଳନ ସ୍ଥଳରେ ଢେଲା ଓ ପଥର ମାଡରେ ରକ୍ତାକ୍ତ ପରିସ୍ଥିତି ଉପୁଜିଛି। ଏହାର ପ୍ରଭାବରେ ଖଣି କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ପରିବହନ ବନ୍ଦ୍ ହେବା କାରଣରୁ ସରକାରଙ୍କ କୋଟି କୋଟି ରାଜସ୍ୱ କ୍ଷତି ହେଉଛି । ଏଠାରେ ପ୍ରକାଶ ଯୋଗ୍ୟ ଦୁର୍ବୃତ୍ତ ମାନେ ସରକାରୀ କଳର ସହାୟତାରେ ମନ ଇଛା ଖଣି ଲୁଟି ଚାଲିଥିଲେ । ଖଣିଜ ସମ୍ପଦ ରାଜ୍ୟ ବାହାରକୁ ଅନାୟସ ରେ ରପ୍ତାନି ହେଉଥିଲା । ଖଣି ଚୋରୀ, ଦାଦା ବଟି ଆଦାୟ କାୟା ବିସ୍ତାର କରିଥିଲା ।ହେଲେ ରାଜ୍ୟ ରେ ସରକାର ପରିବର୍ତ୍ତନ ହେବା ପରେ ସବୁ ଫସର ଫାଟି ଯାଇଛି ।ଏବେ ସେହି ଲୁଟେରା ମାନଙ୍କ ଗହଣରେ ସର୍ଦ୍ଦାର ସାଜିଥିବା ନେତା ଜଣକ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ସ୍ଥାନୀୟ ଲୋକଙ୍କ ନିଯୁକ୍ତି ନାମରେ ବିଭିନ୍ନ ଖଣି ଗୁଡିକରେ ଆନ୍ଦୋଳନ ଓ ଧାରଣା କରାଇ ପରିବେଶକୁ ଅଶାନ୍ତ ସୃଷ୍ଟି କରିବା ସହ ନିଜ ବିକଶରେ ଲାଗିଛନ୍ତି। କିଛିଦିନ ଗରିବ ମାନଙ୍କୁ ପ୍ରବର୍ତ୍ତାଇ ସେମାନଙ୍କ ଭୋଟ କାର୍ଡ ଗୁଡ଼ିକୁ ହାତେଇ ଆଣି ଖଣି ଅଞ୍ଚଳ ରେ ଭଡା ରାଜନୀତି ପରି ଏକ ଅଗଣତାନ୍ତ୍ରିକ ପଦ୍ଧତିରେ ଗରିବ ଶ୍ରମିକ ମାନଙ୍କ ଟଙ୍କାକୁ ଲୁଟି ନିଜେ ମାଲେ ମାଲ୍ ହେବା ସହ ପର୍ଯ୍ୟାପ୍ତ ପରିମାଣରେ କଳା ଟଙ୍କାର ପାହାଡ଼ରେ ବସି ନିଜ ସାମ୍ରାଜ୍ୟ ବିସ୍ତାର କରି ଚାଲିଲେ । ସେହି ପ୍ରଭାବକୁ ବଜାୟ ରଖିବା ପାଇଁ ପୁଣି ଥରେ ସେହି ଗରିବ ଶ୍ରମିକ ଙ୍କୁ ପ୍ରଲୋଭିତ କରି ଶତାଧିକ ସଂଖ୍ୟା ରେ ଲୋକଙ୍କୁ ଉଡ଼ାରେ ଆଣି ଧାରଣା ସ୍ଥଳରେ ବସାଇବା ସହ ନିଜେ ପରଦା ପ୍ରଚ୍ଛଦ ପଛରେ ରହି ଲୋକଙ୍କୁ ବିକାଶ ନାମରେ ଉସୁକାଇବା ଦ୍ୱାରା ସମଗ୍ର ଖଣି ଅଞ୍ଚଳ ଏବେ ଅଶାନ୍ତ ହୋଇ ଉଠିଛି। ରାଜ୍ୟର ବିକାଶ ରେ ବାଧା ଦେଇ ନିଜ ବିକାଶରେ ଲିପ୍ତ ରହିଥିବା ଏହି ନେତା ଜଣକ ଦିନେ ସରକାରୀ ଖୁଚୁରା ଦୋକାନୀ ରୁ ଆଜି ଖଣି ମାଲିକ। ରାଜ୍ୟରେ ଚାଲିଥିବା ଏକଛତ୍ରବାଦ ସରକାରଙ୍କ ଦଳରେ ନିଜକୁ ଅଣ ଆନୁଷ୍ଠାନିକ ଭାବେ ସାମିଲ ରଖି ଦଳକୁ ନିଜ ଇଙ୍ଗିତରେ ପରିଚାଳନା କରିବାକୁ ଜୋରଦାର ପ୍ରୟାସ ଚଳାଇଥିଲେ ।ହେଲେ ରାଜ୍ୟରେଦୀର୍ଘ ସମୟ ଧରି ଚାଲିଥିବା ଏକଛାତ୍ର ଶାସନର ପତନ ହେବା ପରେ ଉପାୟ ଶୂନ୍ୟ ହୋଇ ବାହୁବଳୀ ନେତା ଜଣକ ପୁଣି ଥରେ ନିଜର ପୂର୍ବବସ୍ଥା କୁ ଜାହିର ରଖିବା ଉଦ୍ଦେଶ୍ୟ ନେଇ ଖଣି ଗୁଡ଼ିକରେ ପର୍ଯ୍ୟାୟ କ୍ରମେ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଗରିବ ଶ୍ରମିକଙ୍କୁ ମୋହରା କରି ଆନ୍ଦୋଳନ ରଚାଇ ଚାଲିଛନ୍ତି । ଆଉ ମଧ ପରିବେଶରେ ଅଶାନ୍ତିର ମଞ୍ଜି ବୁଣି ଏ ଅଞ୍ଚଳରେ ଗୋଳିଆ ପାଣିରୁ ଫାଇଦା ନେବାକୁ ଅପଚେଷ୍ଟା ଜାରି ରଖିବା ସହିତ ନିଜ ଇଙ୍ଗିତରେ ସରକାର ଚଳାଇବାକୁ ଆସ୍ପର୍ଧା ରଖିବା ପରି ଦିବା ସ୍ୱପ୍ନ ଦେଖୁଛନ୍ତି । ଆଜିର ନୂତନ ସରକାର ଏପରି ବିଷ ଫଳ ମାନଙ୍କୁ ଦମନ ନ କଲା ଯାଏ ଜିଲ୍ଲା ତଥା ରଜ୍ୟର ବିକାଶ ଅସମ୍ଭବ ବୋଲି ସଧାରଣ ରେ ଆଲୋଚନା ଜୋର ଧରିଛି ।

## ରାସ୍ତା ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର ଦେଲେ ସିର୍ଲିଗୁଡବାସୀ

**କୋକସରା,(ମହାଭାରତ) :** କୋକସରା ବ୍ଲକ ଟେମରା ପଞ୍ଚାୟତର ସିର୍ଲିଗୁଡ଼ା ପ୍ରାଥମିକ ବିଦ୍ୟାଳୟଠାରୁ ଆମପଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ସିର୍ଲିଗୁଡା ଗ୍ରାମବାସୀ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏବଂ ରାସ୍ତା ନିର୍ମାଣ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ସିର୍ଲିଗୁଡା ଗାମର ସ୍କୁଲ ଛକଠାରୁ ବସ୍ତିପଡା, ତେନ୍ତୁଳିପଡା ଦେଇ ଆମପଡା ପର୍ଯ୍ୟନ୍ତ ସଂଯୋଗ ହୋଇଥିବା ମୁଖ୍ୟ ରାସ୍ତା ଦିର୍ଘ ବର୍ଷରୁ ଶୋଚନୀୟ ହୋଇ ଯାତାୟାତ କରିବା ଅବସ୍ଥାରେ ନାହିଁ। ଏହି ରାସ୍ତା ଦେଇ ବିଭିନ୍ନ ସମୟରେ କୋମଳମତି ଶିଶୁ ଅଙ୍ଗନବାଡି କେନ୍ଦ୍ର ଓ ଛାତ୍ର ଛାତ୍ରୀମାନେ ସ୍କୁଲ ଯିବା ବେଳେ ଖସିପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଏମିତି କି ଗର୍ଭବତୀ ଓ ପ୍ରସୂତି ମାନେ ମଧ ଅଙ୍ଗନବାଡି ଯିବା ସମୟରେ



ଅନେକ ହଟହଟା ହୋଇଥାନ୍ତି। ବୃଦ୍ଧ ବୃଦ୍ଧା ମାନେ ଭତ୍ତା ଓ ଲୋକେ ରାସନ୍ ସାମଗ୍ରୀ ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ସମୟରେ ଅନେକ ହରକତ ହେଉ ଥିବାବେଳେ ଉକ୍ତ ରାସ୍ତା ଦେଇ କୋକସରା ବ୍ଲକ କାର୍ଯ୍ୟାଳୟ ସମେତ ମେଡିକାଲ ଓ ଅନ୍ୟାନ୍ୟ କାମପାଇଁ ଯିବାକୁ ହେଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ବର୍ଷା ସମୟ ହୋଇଥିବାରୁ ଏହି ରାସ୍ତାରେ ଯାତାୟତ କରିବା ଏକ ପ୍ରକାର ମୁସ୍କିଲ ହୋଇ ପଡିଛି। ରାସ୍ତା ସମସ୍ୟା ନେଇ ସରପଞ୍ଚଙ୍କୁ ଜଣାଇଲେ ଅର୍ଥ ନଥିବା କହୁଛନ୍ତି। ତେଣୁ ଗ୍ରାମବାସୀ ମାନେ ଏକତ୍ରିତ ହୋଇ ଶ୍ୟାମ ସୁନ୍ଦର୍ ନାଏକଙ୍କ ନେତୃତ୍ୱରେ ମଙ୍ଗଳବାର ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସ୍ନେହପ୍ରଭା ମାଝୀଙ୍କୁ ପ୍ରଦାନ କରିଛନ୍ତି। ଏବଂ ରାସ୍ତା ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ଦେବାକୁ ଦାବି କରିଛନ୍ତି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ତୁଙ୍ଗଧ୍ୱଜ ନାଏକ, ରାଜେନ୍ଦ୍ର ପୋଡ଼, ଘନଶ୍ୟାମ ମାଝୀ, ଗଜିନ୍ଦ୍ର ନାଏକ, ସିଂଘ ମାଝୀ, କାର୍ତ୍ତିକ ସୋରୀ, ପିତାମ୍ବର ସୋରୀ, ଜୟପାଳ ସୋରୀ, ମନୁ ସୋରୀ ସମେତ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ଏବିଭିପି ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

**ଆସିକା,(ମହାଭାରତ) :** ସାରା ଦେଶରେ ସ୍ୱାଧିନତାର ୭୮ ବର୍ଷ ପୂରଣ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯାଉ ଥିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଘୁମୁସର ସାଂଗଠନିକ ଜିଲ୍ଲାର ଆସିକା ନଗର ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ସହ




ଅଖଣ୍ଡ ଭାରତ ସଂକଳ୍ପ ଦିବସ ପାଳିତ ହୋଇଯାଇଛି। ଏହି ଅବସରରରେ ଏକ ବିଶାଳ ତ୍ରିରଙ୍ଗା ସହ ବିଦ୍ୟାର୍ଥୀ ମାନେ ଜିଲ୍ଲା ସଂଯୋଜକ ରାହୁଲ ବେହେରାଙ୍କ ନେତୃତ୍ୱରେ ହରିହର ହାଇସ୍କୁଲ ମିନି ଷ୍ଟାଡିୟମରୁ ବାହାରି ବାଣୀବିହାର କଳିଙ୍ଗାରୋଡ ଲକ୍ଷ୍ମୀବଜାର ହୋଇ ପୁଣି ହରିହର ହାଇସ୍କୁଲ ଠାରେ ପହଞ୍ଚିଥିଲେ । ସ୍ଥାନୀୟ ହରିହର ହାଇସ୍କୁଲ ମିନି ଷ୍ଟାଡିୟମରେ ଏକ ଅଖଣ୍ଡ ଭାରତ ସଂକଳ୍ପ ଦିବସ ସମାବେଶ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ସଂଜୟ କୁମାର ମହାପାତ୍ର,ସମ୍ମାନିତ ଅତିଥି ଭାବେ ଆସିକା ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଦକ୍ଷିଣ ପୂର୍ବ ସମ୍ଭାଗର ସଂଯୋଜକ ଦୀପକ କୁମାର ମହାରଣା, ଏବିଭିପିର ବିଭାଗ ସଂଯୋଜକ ଅନିଲ କୁମାର ସ୍ୱାଇଁ,ଜିଲ୍ଲା ସହ ପ୍ରମୁଖ ଜଗନ୍ନାଥ ପଡିଆରି ପ୍ରମୁଖ ଯୋଗ ଦେଇଥିଲେ। ବିଭାଗ ସହ ସଂଯୋଜକ ହିମାଂଶୁ ଶେଖର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ରାଷ୍ଟ୍ର ନିର୍ମାଣରେ ବିଦ୍ୟାର୍ଥୀଙ୍କ ଭୂମିକା ସଂପର୍କରେ ମତବ୍ୟକ୍ତ କରିଥିଲେ। ଏବଂ ମୁଖ୍ୟ ଅତିଥି ସମାଜ ରେ ଏକ ଶୃଙ୍ଖଳିତ ଦାୟିତ୍ୱବାନ ନାଗରିକ ନିମନ୍ତେ ଆହ୍ୱାନ କରିଥିଲେ ।ଏହାପରେ ଶିକ୍ଷାବର୍ଷ ୨୦୨୩-୨୪ ର ଯୁକ୍ତ ଦୁଇ ବୋର୍ଡ ଟପ୍ପର କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆସିକ ବ୍ଲକର ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସହ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ଯୋଗ ଦେଇ ଥିଲେ। ପରିଶେଷରେ ଭୋଜନ କରି କାର୍ଯ୍ୟକ୍ରମ କୁ ବିରାମ କରାଯାଇଥିଲା ।ଶୋଭାଯାତ୍ରା ସମୟରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସରୋଜ କୁମାର ପାଢୀ ସାମିଲ ହୋଇ ଛାତ୍ରଛାତ୍ରୀଙ୍କ ଉତ୍ସାହ ବଢାଇଥିଲେ।

## ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀଙ୍କ ବିଷମକଟକ ଆଇଟିଆଇ ଗସ୍ତ

**ବିଷମ କଟକ,(ମହାଭାରତ) :** ଅପରାହ୍ନରେ ରେ ମାନ୍ୟବର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ,ଓଡିଶା ମହୋଦୟ ସ୍ଥାନୀୟ ଶିଳ୍ପ ତାଲିମ ଅନୁଷ୍ଠାନ, ଗଜବାହାଲ, ବିଷମକଟକ କୁ ପରିଭ୍ରମଣ କରିଥିଲେ। ମାନ୍ୟବର ମନ୍ତ୍ରୀ ଆଇଟିଆଇ ର ସମସ୍ତ ବିଭାଗ କୁ ପରିଦର୍ଶନ କରିବା ସହ ଏକ ଆକର୍ଷଣୀୟ 'ସ୍କ୍ରପ ମ୍ୟୁଜିୟମ' ର ଶୁଭ ଉନ୍ମୋଚନ କରିଥିଲେ. ସମ୍ପୂର୍ଣ ବର୍ଜ୍ୟ ବସ୍ତୁ ଏବଂ ଆଇଟିଆଇର ଛାତ୍ରଛାତ୍ରୀଙ୍କ ଦ୍ୱାରା ନିର୍ମିତ ଏହି ମ୍ୟୁଜିୟମ କୁ ମନ୍ତ୍ରୀ ମହୋଦୟ ଉନ୍ମୋଚନ କରିବା ସହ ଛାତ୍ର ଛାତ୍ରୀ ଏବଂ ପ୍ରଶିକ୍ଷକ ମାନଙ୍କୁ ଭୁୟସୀ ପ୍ରଶଂସା କରିଥିଲେ। ଆଇଟିଆଇର ପରିଛନତା ଏବଂ ସୌନ୍ଦର୍ଯ୍ୟ ରେ ମନ୍ତ୍ରୀ ବିମୋହିତ ହେଇଥିଲେ। ଆଇଟିଆଇର ଛାତ୍ର ଛାତ୍ରୀ, ପ୍ରଶିକ୍ଷକ ଗଣ ଏବଂ ଅଧକ୍ଷ ଖେଲାରାମ ହେମ୍ବ୍ରମଙ୍କ ସହ ଏକ ବିଠକରେ ଯୋଗଦାନ କରି ଆଇଟିଆଇ ର ସମସ୍ତ ଭଲମନ୍ଦ ପଚାରି ବୁଝିଥିଲେ। ଅତି ନିକଟରେ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ହେଇଥିବା ରେଟିଙ୍ଗ ତାଲିକାରୁ ଓଡିଶା ରେ ଥିବା ସମସ୍ତ ୭୫ ଟି ସରକାରୀ ଆଇଟିଆଇ ମଧରୁ ସ୍ଥାନୀୟ ଗଜବାହାଲ ବିଷମକଟକ ଆଇଟିଆଇ ୮.୯ ପଏଣ୍ଟ ସହ ପ୍ରଥମ ଦଶ ଗୋଟି ସ୍ଥାନ ମଧରୁ ଦଶମ ସ୍ଥାନ ଥିବା ଜାଣି ସମସ୍ତଙ୍କୁ ଅଭିବାଦନ ଜଣାଇବା



ସହ ଅଧକ୍ଷ , ତାଲିମ ଅଧିକାରୀ ଏବଂ ପ୍ରଶିକ୍ଷକ ମାନଙ୍କୁ ଭୁୟସୀ ପ୍ରଶଂସା କରିଥିଲେ। ମନ୍ତ୍ରି କ ଏହି ଗସ୍ତ ସମୟରେ ସ୍ଥାନୀୟ ବିଧାୟକ ନୀଳ ମାଧବ ହିକୋକକ୍ଷ ରାୟଗଡ଼କ୍ଷ ଉପଜିଲ୍ଲାପକ୍ଷଳ , କଲ୍ୟାଣୀ ସଂଘ ମିତ୍ରକ୍ଷ ଦେବୀ, ଜିଲ୍ଲା ନିଯୁକ୍ତ ଅଧିକାରୀ ସପ୍ତମୋନୀ ମହାପାତ୍ର, ଗୋଷ୍ଠି ଉର୍ଣ୍ଣାୟନ ଅଧିକାରୀ ସଦାଶିବ ନାୟକ, ତୋହସିଲଦାର କେ.ଭେଙ୍କେଟ ସ୍ୱର୍ ରେଡ୍ଡୀ, ପ୍ରମୁଖ ଉପସ୍ଥିତ ଥିଲେ । ଆଇ ଟି ଆଇ ର କାର୍ଯ୍ୟ କ୍ରମ ସାରି ହକ୍ଷଟ ମୁନିଗୁଡା ରାମକୃଷ୍ଣ ମିଶନ ସ୍କୁଲ ଓ ବିଷମ କଟକ ଠାରେ ଥିବା ସିଲ୍ଲ ଡେବଲପ ସେଣ୍ଟର୍ ଦୀର୍ଘ ଦିନ ହେବ ବନ୍ଧ ହୋଇ ଯାଇଥିବାରୁ ସ୍ଥାନୀୟ ବିଧାୟକ ଶ୍ରୀ ହିକକକ୍ଷ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୁ ନେଇ ଦେଖା ଇବା ସହ କାର୍ଯ୍ୟ ଜାରି କରିବାକୁ ଅନୁରୋଧ କରିଥିଲେ ।

## ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ତଡ଼ିବା ପାଇଁ ବୈଠକ

**କୋକସରା,(ମହାଭାରତ) :** କୋକସରା ବ୍ଲକ ଲଡୁଗାଁଠାରେ ରହୁଥିବା ଅନୁପ୍ରବେଶକାରୀ ବାଂଲାଦେଶୀ ରୋହିଙ୍ଗାଙ୍କୁ ଗାଁରୁ ତଡିବା ପାଇଁ ସ୍ଥାନୀୟ ଶିତଲା ମାତା ମଣ୍ଡପରେ ଗ୍ରାମବାସୀଙ୍କ



ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଛି। ଲଡୁଗାଁରେ ଦିର୍ଘ ବର୍ଷରୁ ବାଂଲାଦେଶୀ ବା ରୋହିଙ୍ଗା ମାନେ ଅନାଧିକୃତ ଭାବେ ରହି କିଏ ମିସ୍ତ୍ରୀ, ଫେରିବାଲା, ଛୋଟ ଛୋଟ ବ୍ୟବସାୟ କରି ଆସୁଛନ୍ତି। ତଥାପି ପୁଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ, କିମ୍ବା ସେମାନଙ୍କ ପରିଚୟପତ୍ର ଯାଞ୍ଚ କରାଯାଉ ନାହିଁ। ବିଭିନ୍ନ ସମୟରେ ଏହି ଅନୁପ୍ରବେଶକାରୀ ମାନେ ଚୋରୀ, ଡକାୟତିରେ ମଧ ଲିପ୍ତ ରହୁଥିବା ଜଣାପଡିଛି। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ବାଂଲାଦେଶରେ ଭାରତୀୟ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ଖବର ଘୁରି ବୁଲିବା ପରେ ଲୋକଙ୍କ ମନକୁ ବିଚଳିତ କରିଛି। ତେଣୁ ବାଂଲାଦେଶୀ ଅନୁପ୍ରବେଶକାରୀ ମାନଙ୍କୁ କିଭଳି ଲଡୁଗାଁ ଗ୍ରାମରୁ ଶାନ୍ତିର ସହ ତଡାଯିବ ସେନେଇ ଆଲେଚନା ହୋଇଥିଲା। ଏବଂ ପ୍ରଶାସନ ପକ୍ଷରୁ ସେମାନଙ୍କ ନାଗରିକତ୍ୱ ତୁରନ୍ତ ଯାଞ୍ଚ କରାଯାଉ ବୋଲି ଦାବି ଉଠିଥିଲା। ବୈଠକରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ଉପରୋକ୍ତ ମତାମତ ରଖିଥିଲେ।

## ବନ୍ଧୁକ ସହ ୨ ବଣ କାପ୍ତା ଶିକାରୀଙ୍କୁ ଗିରଫ କଲା ବନବିଭାଗ

**ଆସିକା,(ମହାଭାରତ) :** ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ଆସିକା ବନାଞ୍ଚଳ ର ଜଗତି ପଡିଆ ନିକଟ ଝଟିଆ ଖୋଲଠାରେ ବଣକାପ୍ତା ଶିକାର ବେଳେ ୦୨ ଶିକାରୀଙ୍କୁ ଗିରଫ କରିଛି ଆସିକା ବନ ବିଭାଗ । ଗତକାଲି ଅପରାହ୍ନ ସମୟରେ ଆସିକା ବ୍ଲକ ଭେଟନଇ ନିକଟରେ ଥିବା ଜଗତୀ ପଡିଆ ରେ ପକ୍ଷୀ ଶିକାର କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆସିକା ବନ ବିଭାଗ ର ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ଘଟଣା ସ୍ଥଳରୁ ଗୋଟିଏ ଦେଶୀ ବନ୍ଧୁକ ଦୁଇଟି ବଣକାପ୍ତା ୧୦୦ ଗୋଟି ଛେରାଓ ଗୋଟିଏ ମୋଟର ସାଇକେଲ ସହ ଆସିକା କଳିଙ୍ଗା ରୋଡ ର ଏ. ଶ୍ରୀନୁ (୩୯) ଏବଂ ବିଜୟାନଗରମ ହରିଜନ ସାହିର ଜି. ନରେନ୍ଦ୍ର କୁ ଗିରଫ କରି ବନ ବିଭାଗ ପକ୍ଷରୁ ବନ୍ୟପ୍ରାଣୀ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଧାରା ୦୯, ୩୯, ୪୯/୨୪-୨୫ ଦଫାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଷୟରେ ରେଞ୍ଜର ପ୍ରମୋଦ କୁମାର ପଣ୍ଡାଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ବନ ଅଧିକାରୀ ଶରତ ବେହେରା, ବନ କର୍ମଚାରୀ ଗୋପାଳ ଗୌଡ଼, ଗଣେଶ ସ୍ୱାଇଁ, ରଘୁନାଥ ସ୍ୱାଇଁ, ଦାମୋଦର ପଟନାୟକ ପ୍ରମୁଖ ଏହି ଚଢ଼ାଉ ରେ ସହଯୋଗ କରିଥିଲେ ।

## ଆଦିବାସୀ ଜମି ହଡପ କରିଥିବା ନିର୍ଦ୍ଦିଷ୍ଟ ପରିବାରର ତଦନ୍ତ ହେବ - ରାଜସ୍ୱ ମନ୍ତ୍ରୀ



**ଜୁନାଗଡ଼,(ମହାଭାରତ) :** ଜୁନାଗଡ ରେଜିଷ୍ଟ୍ରସନ ଅଫିସ ଅନ୍ତର୍ଭୁକ୍ତ ଅନେକ ଆଦିବାସୀ ଙ୍କ ଜମି ହଡପ କରିଥିବା ଏକ ନିର୍ଦ୍ଦିଷ୍ଟ ପରିବାର ଉପରେ ଗଣମାଧ୍ୟମ ରେ ପ୍ରକାଶିତ ଖବର ଉପରେ ତଦନ୍ତ ଆଦେଶ ଦେଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝରୀ ଆଜି ଭବାନୀପାଟଣା ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉ କି ଗତ ବି ଜେ ଡି ସରକାର ସମୟରେ ନିଜକୁ ସରକାର ଙ୍କ ପାଖ ଲୋକଙ୍କ ଲୋକ କହି ଶସ୍ତା ରେ ଆଦିବାସୀ ଙ୍କ ଜମି କିଣି ସରକାରଙ୍କ ଚାପ ପ୍ରୟୋଗ କରି ଅନୁମତି ନେଇ ନିଜ ବାପା ଓ ପରିବାରଙ୍କ ନାମରେ କରି ନେଇ ଥିବା ଅଭିଯୋଗ ଅଛି । ଏହାର ଭିଜିଲାନ୍ସ ସ୍ତରୀୟ ତଦନ୍ତ କରି ବର୍ତ୍ତମାନ ର ସରକାର ଏହା ତଦନ୍ତ କରି ଦୋଷୀ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜନସାଧାରଣ ରେ ଦାବୀ ହେଉଛି।

## ଠାକୁରମୁଣ୍ଡା ଠାରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ



**କରଞ୍ଜିଆ,(ମହାଭାରତ) :** ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ୧୪ ତାରିଖ ଦିନ ଠାକୁରମୁଣ୍ଡା ଠାରେ ତ୍ରିରଙ୍ଗା ଯାତ୍ରା ଓ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଠାକୁରମୁଣ୍ଡା ବ୍ଲକ ବିଜେପି ଦଳ କାର୍ଯ୍ୟକର୍ତ୍ତା ଙ୍କ ପକ୍ଷରୁ ସକାଳେ ଠାକୁରମୁଣ୍ଡା ଗାନ୍ଧୀ ପଡିଆ ଠାରେ ଥିବା ପ୍ରତିମୂର୍ତ୍ତି ନିକଟରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ପରେ ଅପରାହ୍ନ ରେ ବିଜେପି କାର୍ଯ୍ୟକାର୍ତ୍ତା ମାନଙ୍କ ପକ୍ଷରୁ ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା ।ଠାକୁରମୁଣ୍ଡା ଡାକ ବଙ୍ଗଳା ଠାରୁ ତ୍ରିରଙ୍ଗା ପଦଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା ।ତ୍ରିରଙ୍ଗା ପଦଯାତ୍ରା କାର୍ଯ୍ୟକ୍ରମ ରେ ବ୍ଲକ ଉପଅଧକ୍ଷା ସନ୍ତୋଷ କୁମାର ମହାନ୍ତ , ଦିଗଧର ସରପଞ୍ଚ ମଳୟ ପରିମାଣିକ, ତରମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ, ସୁକୁଲାଲ ପାଲେୟା ,ଯୋଗେନ୍ଦ୍ରନାଥ ମହାନ୍ତ, ବିମଳ ସେନାପତି, ତାରାକାନ୍ତ ପଟ୍ଟନାୟକ,ବିଛେନ୍ଦ୍ର ବେହେରା,ଅଞ୍ଜନ ତ୍ରିପାଠୀ,ଗୁନା ବାରିକ,ଚିତ୍ତରଞ୍ଜନ ଦାସ ସମେତ କାର୍ଯ୍ୟକାର୍ତ୍ତା ମାନେ ତ୍ରିରଙ୍ଗା ଯାତ୍ରା ରେ ସାମିଲ ହୋଇଥିଲେ। ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା ।ବିଡ଼ିଓ ସପ୍ନେଶ୍ୱର ବେହେରା ସମେତ ବ୍ଲକ କର୍ମଚାରୀ ମାନେ ବ୍ଲକ କାର୍ଯ୍ୟାଳୟ ପରିସରୁ ତ୍ରିରଙ୍ଗା ଯାତ୍ରାରେ ବାହାରି ଠାକୁରମୁଣ୍ଡା ବଜାର ପରିକ୍ରମା କରିଥିଲେ।

## ଅସହାୟ ନିରୁଦ୍ଦିଷ୍ଟ ମଣିଷକୁ ଘରେ ପହଞ୍ଚାଇଲା ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନ

**ହିନ୍ଦୋଳ,(ମହାଭାରତ) :** ରିଖ ସଂନ୍ଧ୍ୟା ୯ଘଟିକା ସମୟ ରେ ଜନୈକ ମାନସିକ ବିକାର ଗ୍ରସ୍ତ ଦୁର୍ବଳ ରୋଗୀ ରାସୋଳ ଚିତଲପୁର ରାସ୍ତା ରେ ଅନ୍ଧାର ରାତ୍ରିରେ ଏକୁଟିଆ ଅତି ଦୟନୀୟ ଅସ୍ଥା ରେ ରାସ୍ତା କଡରେ ବସିଥିବା ବେଳେ ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନ 'ଜନ ମଙ୍ଗଳ' ରାସୋଳ ସଂଗଠନ ର ସେବକ ରାମକୃଷ୍ଣ ବୈଦ୍ୟ ଓ ଶୈଳେନ୍ଦୁ ଶେଖର ନାୟକ ଭାଇ ଙ୍କର ଦୃଷ୍ଟିଗୋଚର ହୋଇଥିଲା। ସଂଗେସଂଗେ ପ୍ରତିଷ୍ଠାତା ବିଭୁ ଶତପଥୀ ଙ୍କୁ ଜଣାଇବା ସହିତ ଶୈଳେନ୍ଦୁ ଭାଇ ଲୋକଟି ପାଇଁ କିଛି ଶୁଖିଲା ଖାଦ୍ୟ ପାନୀୟ ର ବ୍ୟବସ୍ଥା କରିଥିଲେ । ରାସୋଳ ପୋଲିସ ଷ୍ଟେସନ କୁ ଯାଇ ଲୋକ ଟିକୁ ଚିହ୍ନଟ କରାଯାଇ ତାର ଘରେ ପହଞ୍ଚାଇବା ପାଇଁ ଅନୁରୋଧ କରାଯିବା ପରେ ଅସହାୟଲୋକ ଟି ପାଖରେ କୌଣସି ପରିଚୟ ପତ୍ର ନଥିବା ବେଳେ କହିବା ଅନୁଯାୟୀ ନାମ ବୃନ୍ଦାବନ ସାହୁ,ଗ୍ରାମ ପାଞ୍ଚଗାଁ,ତିଗିରିଆ,କଟକ ବୋଲି କହୁଥିବା ବେଳେ ତା ପାଖରୁ ତାର ପରିବାର ବର୍ଗଙ୍କ ସୂଚନା ମଧ ମିଳି ପାରି ନଥିଲା ଅତେବ ପରିସ୍ଥିତିକୁ ଅନୁଧାନ କରି ତାର ବକ୍ତବ୍ୟ କୁ ଆଧାର କରି ରାସୋଳ ଥାନା ଭାର ପ୍ରାପ୍ତ ଅଧିକାରୀ ବିଧୂ ଭୁଷଣ ମିଶ୍ର ସାର୍ ଙ୍କର ନିର୍ଦ୍ଦେଶ କ୍ରମେ ଥାନା ର ଓଆଇସି ପ୍ରତାପ କୁମାର ଦଳେଇ,ଏସ୍ଆଇ ପ୍ରଭଞ୍ଜନ ମହାନ୍ତି,ଥାନା ଗାଡି ଚାଳକ ସୂର୍ଯ୍ୟକାନ୍ତ ପ୍ରଧାନ ଙ୍କ ସମେତ ଜନ ମଙ୍ଗଳ (ରାସୋଳ) ସଂଗଠନ ର ପ୍ରତିଷ୍ଠାତା ବିଭୁ ଶତପଥୀ ଓ ସେବକ ରାମକୃଷ୍ଣ ଭାଇ ଙ୍କର ଏକ ମିଳିତ ଟିମ୍ ଦ୍ୱାରା ଅସହାୟ ବୃନ୍ଦାବନ ସାହୁ ଙ୍କୁ ରାସୋଳ ପୋଲିସ ଷ୍ଟେସନ ର ନିଜସ୍ୱ ଯାନ ରେ ନିଆ ଯାଇ ୩୫କିଲୋମିଟର ଦୂର ପାଞ୍ଚଗାଁ ସ୍କୁଲ ନିକଟ ରେ ଥିବା ନିଜସ୍ୱ ଘରେ ପରିବାର ବର୍ଗଙ୍କଠାରୁ ଲିଖିତ ଗ୍ରହଣ ପତ୍ର ସଂଗ୍ରହ କରାଯାଇ ହସ୍ତାନ୍ତର କରା ଯାଇଛି। ପ୍ରକାଶ ଥାଉ କି ବୃନ୍ଦାବନ ସାହୁ ପିତା ମୃତ ଲୋକନାଥ ସାହୁ ର ସ୍ତ୍ରୀ ବହୁଦିନରୁ ମୃତ୍ୟୁ ବରଣ କରିଥିବା ବେଳେ ନିଜର ସନ୍ତାନସନ୍ତତି କେହି ନାହାଁନ୍ତି ।ତାଙ୍କର ଦୁଇ ଭାଇ(ବଡ଼,ସାନ)ପାଳିକରି ତାଙ୍କର ଯତ୍ନ ନେବାର ସୂଚନା ପ୍ରାପ୍ତ ହେଲେ ସୁଦ୍ଧା ଗତ ଛଅ ଦିନ ହେଲା ନିରୁଦ୍ଦିଷ୍ଟ ଥିଲେ ।ପୁତୁରା ମନୋଜ ସାହୁ ଙ୍କ ଦ୍ୱାରା ତିଗିରିଆ ପୋଲିସ ଷ୍ଟେସନରେ ମିସିଙ୍ଗ କେସ୍ ଫାଇଲ୍ ମଧ ହୋଇଥିଲା ।ଶରୀର କ୍ଷୀଣ ଏବଂ ଗୋଟାଏ ଆଖି ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ ମାନସିକ ଦୁର୍ବଳତା ଯୋଗୁଁ,ବର୍ଷା ରାତି ରେ ସରୀସୃପ ର ଭୟ ଓ ରାସ୍ତା ଘାଟ ରେ ଦୁର୍ଘଟଣା ର ଭୟ କୁ ଏଡାଇ ଦିଆ ଯାଇ ନପାରେ ।ଅତେବ ଅସହାୟ ବୃନ୍ଦାବନ ସାହୁ ଙ୍କୁ ପରିବାର



ବର୍ଗ ଙ୍କୁ ହସ୍ତାନ୍ତର କରିବା ପରେ ପରିବାର ବର୍ଗ ଖୁସି ଜାହିର କରିବା ସହିତ କୃତଜ୍ଞତା ଜ୍ଞାପନ ପୂର୍ବକ ଆନ୍ତରିକ ସାଧୁବାଦ ତଥା ଅଶେଷ ଧନ୍ୟବାଦ ପ୍ରଦାନ କରିଥିଲେ। ରାସୋଳ ପୋଲିସ ତରଫରୁ ଏତାଦୃଶ ସାହାଯ୍ୟକାରୀ ପଦକ୍ଷେପ ତଥା ସହଯୋଗ ପାଇଁ ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନ (ଜନ ମଙ୍ଗଳ)ରାସୋଳ ସଂଗଠନ ତରଫରୁ ମଧ ଧନ୍ୟବାଦ ପ୍ରଦାନ ପୂର୍ବକ କୃତଜ୍ଞତା ଜ୍ଞାପନ କରାଯାଇଛି।

## ୭୮ ତମ ସ୍ୱାଧୀନତା ଦିବସ ପାଳନ

**ଦେବଗଡ଼,(ମହାଭାରତ) :** ୭୮ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଘର ଘର ତ୍ରିରଙ୍ଗା ପାଳନ କରାଯାଉଥିବା ତ୍ରିରଙ୍ଗା କାର୍ଯ୍ୟକ୍ରମ ଦେବଗଡ଼ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମୋଟର ସାଇକେଲରେ ରାଲି ତ୍ରିରଙ୍ଗା ଧରି ଶୋଭାଯାତ୍ରା ହୋଇଯାଇଛି । ନୂତନ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ତ୍ରିରଙ୍ଗା ଯାତ୍ରା ରାଲିକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ନଗର ପରିକ୍ରମା କରିବା ପରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରାଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ହର ଘର ତ୍ରିରଙ୍ଗା ଅଭିଯାନ ଦେଶ ପ୍ରେମ ଓ ଜାତୀୟ ପତାକା ପ୍ରଦର୍ଶନ କରୁଥିବା ଏକ



ଦେଶପ୍ରେମୀ ସମାବେଶରେ ସମସ୍ତେ ଭାରତୀୟ ସ୍ୱାଭିମାନ ଏବଂ ସମ୍ମାନର ପ୍ରତିକ ତ୍ରିରଙ୍ଗା ପତାକାକୁ ଗର୍ବ ଓ ସମ୍ମାନ ସହ ଆମେ ସମସ୍ତେ ନିଜ ନିଜ ଘରେ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଉଡାଇବା ବୋଲି ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ବେହେରା ତାଙ୍କର ମତବ୍ୟକ୍ତ କରିଥିଲେ । ଏହି ବୈଠକରେ ସମ୍ମାନୀତ ଅତିଥି ଭାବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପରିଷଦ କୃପାସିନ୍ଧୁ ସ୍ୱାଇଁ, ଏପିଡି ଫାଇନାନ୍ସ ଆଶିଷ ବାରିକ, ଡେପୁଟି ଇଓ ଓରମାସ ରବୀନ୍ଦ୍ର କୁମାର ପ୍ରଧାନ, ସବ ଇନସ୍ପେକ୍ଟର ପୋଲିସ ଦିବ୍ୟ ଓରାମ, ଜିଲ୍ଲା ପ୍ରଶାସନର କର୍ମଚାରୀ ଓ ପୋଲିସ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭାଜନ ବିଭୀଷିକା ସ୍ମୃତି ଦିବସ ଉଦ୍ଘାଟନ କଲେ ରାଜ୍ୟ ବାଚସ୍ପତି

**ବେଗୁନିଆ,(ମହାଭାରତ) :** ୧୯୪୭ ମସିହା ଦେଶ ସ୍ୱାଧୀନତା ପୂର୍ବରୁ ଏକ ବିଭାଜନ ବିଭୀଷିକା ମୁଣ୍ଡ ଟେକି ସାଧାରଣ ଜନତାଙ୍କ ସହ ଅନେକ କିମ୍ବଦନ୍ତୀ ପୁରୁଷ ଶହୀଦ ହୋଇଥିଲେ। ଯାହାକି ଦେଶର ଇତିହାସକୁ ରୋମନ୍ଥନ କଲେ କିମ୍ବା ଏହାର ଇତିହାସ ପୃଷ୍ଠା ଲେଉଟାଇଲେ ଏହାର ସତ୍ୟାସତ୍ୟ ଘଟଣାବଳୀ ଦେଶର ଭବିଷ୍ୟତ ଯୁବପିଢ଼ିଙ୍କୁ ଏକ ପ୍ରେରଣା ଦେବ କି ଯେ ପୂର୍ବଜଙ୍କ ଜୀବନ କେତେ ମାତ୍ରାରେ ଦୁର୍ବିସହ ହୋଇଥିଲା ।ଦେଶର ପ୍ରିୟ ଜସ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଭାଇମୋଦୀ ୨୦୨୧ ମସିହା ଅବୈହିତ ପୂର୍ବରୁ ତତ୍କାଳୀନ ସାମ୍ପ୍ରତିକ ପରିସ୍ଥିତି ଜନିତ ଘଟଣାବଳୀକୁ ବିଭାଜନ ବିଭୀଷିକା ସ୍ମୃତି ଗୁଡିକ ସାରା ଦେଶବ୍ୟାପୀ ସ୍ମୃତି ଦିବସ ଭାବେ ପାଳନ କରିବାକୁ ଦୃଢ଼ ପ୍ରୟାସ ଜାରିରଖିଛନ୍ତି। ବିଭାଜନ ବିଭୀଷିକା ସ୍ମୃତି ଦିବସକୁ ପାଳନ ଅବସରରେ ଦେଶର ସାମ୍ପ୍ରତିକ ଘଟଣାବଳୀର କଳାଧଳା ଫଟୋ ଚିତ୍ର ପ୍ରଦର୍ଶିତ କରାଯାଇଥିଲା ।ଏଥିରେ ରାଜ୍ୟ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ ।ପରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ବୀର ଶହୀଦ ମାନଙ୍କ ଉଦ୍ଦେଶ୍ୟରେ ଶତ ନମନ କରି ବିଭାଜନ ବିଭୀଷିକା ସମ୍ପର୍କରେ ଦୁଃଖ ପ୍ରକଟ କରିଥିଲେ ଓ ଏହି କାର୍ଯ୍ୟକ୍ରମର କର୍ମକର୍ତ୍ତା ମାନଙ୍କୁ ଭୂଇଅଶୀ ପ୍ରଶଂସା କରିଥିଲେ ।ମୁଖ୍ୟବକ୍ତା ଭାବେ ସିବିସି ମୁଖ୍ୟ ମହେନ୍ଦ୍ର ଜେନା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଆଇଏମସି ତଥା ସିଫା ସଦସ୍ୟ ବିଶ୍ୱଜିତ ସ୍ୱାଇଁ,ରାଜ୍ୟ ସମବାୟ ସେଲ ମୁଖ୍ୟ ଶ୍ରୀରଞ୍ଜନ ମଙ୍ଗରାଜ ଓ ପରମାନନ୍ଦ ମହାବିଦ୍ୟାଳୟ ଅଧକ୍ଷା ସଂଯୁକ୍ତା ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ ।ପ୍ରାରମ୍ଭରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ସ୍ଥାନୀୟ ଉତ୍କଳମଣୀ ଗୋପବନ୍ଧୁଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପାଇକ ପୁଅର ବାଡ଼ି, ତାରବାରୀ, ରାସ୍ତାର ଦୁଇ ପାର୍ଶ୍ୱରେ ସ୍କୁଲ ଛାତ୍ରୀମାନେ ହାତରେ ତ୍ରିରଙ୍ଗା ଓ ସମ୍ବଲପୁରୀ ନୃତ୍ୟର ସମାହାରରେ ଏକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ନନ୍ଦିଘୋଷ ଭବନ ନିକଟକୁ ପାଛୋଟି ନିଆଯାଇ ଥିଲା। ମଞ୍ଚରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଜଗନ୍ନାଥ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ସ୍ଥାନୀୟ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସମ୍ପାଦକ ଅବିନାଶ ସୁବୁଦ୍ଧି ଓ ସହକର୍ମୀ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସେହିପରି ଦ୍ୱିତୀୟର୍ଦ୍ଧାରେ ବିଜେପିର ଏକ ଦଳୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ବିଧାୟକ ପ୍ରାର୍ଥୀ ଥିବା ପ୍ରକାଶ ବିଜୁଳି, ସିଫା ସଦସ୍ୟ ବିଶ୍ୱଜିତ ସ୍ୱାଇଁ, ଶିବ ପ୍ରସାଦ ମିଶ୍ର,ଜିଲ୍ଲା ପରିଷଦ ସଭ୍ୟ ଅନାଦି ଚରଣ ସାହୁ, ରବୀନ୍ଦ୍ର ପରିଡା ଓ ରାଜ୍ୟ ପରିଷଦ ସଦସ୍ୟ ଲୋତକ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ବିଜେପି ନେତା ସୁବାସ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ମଣ୍ଡଳ ସଭାପତି ସଞ୍ଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ



# ବିକଶିତ ଓଡ଼ିଶା: ବିକାଶର ପରିଭାଷା

- ଓଡ଼ିଶାବାସୀଙ୍କ ଆଧ୍ୟାତ୍ମିକ ଭାବାବେଗକୁ ସମ୍ମାନ ଜଣାଇ ଖୋଲିଲା ପୁରୀ ଶ୍ରୀମନ୍ଦିରର ୪ ଦ୍ୱାର।
- ଶ୍ରୀଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି।
- ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି।
- ଲୋକଙ୍କ ବଜେଟ୍ ୨୦୨୪-୨୫ରେ ମହିଳା ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସୁଭଦ୍ରା ଯୋଜନାରେ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ।
- ଚଳିତ ବଜେଟ୍‌ରେ ମହିଳା ମାନଙ୍କ ପାଇଁ ୧୭,୯୪୨ କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା, ଯାହା ବିଗତ ବଜେଟ୍‌ରୁ ୧୮ ପ୍ରତିଶତ ଅଧିକ।
- ଆଗାମୀ ୫ ବର୍ଷରେ ରାଜ୍ୟର ଯୁବକଯୁବତୀ ମାନଙ୍କ ବ୍ୟାପକ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟିର ପ୍ରକ୍ରିୟା ଆରମ୍ଭ।
- ଅଗ୍ନିବୀରଙ୍କ ପାଇଁ ରାଜ୍ୟର ସବୁ ୟୁନିଫର୍ମ ସେବାରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ସ୍ଥାନ ସଂରକ୍ଷଣ।
- ସମୃଦ୍ଧ କୃଷକ ଯୋଜନାରେ ୫୦୦୦ କୋଟି ଟଙ୍କାର ବ୍ୟୟବରାଦ ଏବଂ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟର ବ୍ୟବସ୍ଥା।
- ରାଜ୍ୟ ହେବ ମିଲେଟ୍ ଉତ୍ପାଦନର ହବ୍।
- ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ଗୋଟିଏ ଦେଶ, ଗୋଟିଏ ରାସନ କାର୍ଡର କାର୍ଯ୍ୟକାରିତା।
- ଶ୍ରମିକ ବହୁବିଧ କଲ୍ୟାଣ ପାଇଁ ପ୍ରତିବଦ୍ଧତା।
- ଜଳ ଜୀବନ ମିଶନ ଦ୍ୱାରା ଘରେ ଘରେ ଏବଂ ସାର୍ବଜନୀନ ସ୍ଥାନରେ ନିରାପଦ ବିଶୁଦ୍ଧ ପାନୀୟ ଜଳ ଯୋଗାଣ।
- ଜନଜାତି ବହୁଳ ପଞ୍ଚାୟତ ହାଟ ଗୁଡ଼ିକର ଉନ୍ନତିକରଣ, ଜଙ୍ଗଲଜାତ ଦ୍ରବ୍ୟ ଓ ଉଦ୍ୟାନ ଉତ୍ପାଦ ଗୁଡ଼ିକର ସଂଗ୍ରହ ଓ ବିକ୍ରୟ।
- ପେସା ଆଇନର କାର୍ଯ୍ୟାନ୍ୱୟନ ମାଧ୍ୟମରେ ଜନଜାତି ମାନଙ୍କର ସାମଗ୍ରିକ ବିକାଶ।
- ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଦ୍ୱାରା ରାଜ୍ୟବାସୀ ପାଇବେ ନିଃଶୁଳ୍କ ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ଗୁରୁତର ରୋଗର ନିଦାନ ସୁବିଧା ଓ ଚିକିତ୍ସା କ୍ଷେତ୍ରରେ ଆର୍ଥିକ ସୁରକ୍ଷା।
- ଓଡ଼ିଶା ହସ୍ତଶିଳ୍ପ ଡିଜାଇନ୍ ବ୍ୟାଙ୍କ୍ ପ୍ରତିଷ୍ଠା ଦ୍ୱାରା ପାରମ୍ପରିକ କାରିଗର ମାନଙ୍କ ଦକ୍ଷତାର ମାନ ବୃଦ୍ଧି।
- ୨୦୩୬ ମସିହା ପର୍ଯ୍ୟନ୍ତ ଭାରତୀୟ ହକି ଦଳର ପ୍ରାୟୋଜନ।
- ଶିକ୍ଷାର ଗୁଣବତ୍ତା ଓ ବିଦ୍ୟାଳୟ ଗୁଡ଼ିକର ଉତ୍କର୍ଷ ସାଧନ ପାଇଁ ପିଏମ୍-ଶ୍ରୀ ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପ୍ରଚଳନ।
- ଜନଜାତି ଛାତ୍ରଛାତ୍ରୀଙ୍କର ଡ୍ରପ୍-ଆଉଟ୍ ହାର କମାଇବା ପାଇଁ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା।



**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**

iprodisha IPR_Odisha iprodisha

OIPR-15001/13/0078/2425 DADLS-23